ଦ୍ରୌପଦୀ ବସ୍ତ୍ରହରଣ ।

ଶ୍ରୀ ବଂଶୀଧର କରଙ୍କ ଦ୍ୱାରା ରଚିତ ।

ଶ୍ରୀ କୃଷ୍ଣଚନ୍ଦ୍ର ପ୍ରଧାନ ପ୍ରଭୃତିଙ୍କ ଦ୍ୱାରା
ତୃତୀୟବାର ପ୍ରକାଶିତ ।

ଅରୁଣୋଦୟ ଯନ୍ତ୍ରାଳୟର ମେସିନ୍‌ରେ
ମୁଦ୍ରିତ ।



CUTTACK.
PRINTED BY NITYANANDA SAHOO
AT THE ARUNODAYA PRESS.
1924

ମୂଲ୍ୟ ୫ ° /୨ ଛଅପଇସା ।

ଦ୍ରୌପଦୀ ବସ୍ତ୍ରହରଣ ।

ଗୁଣସାଗର ବୃତ୍ତେ ।

ହେ ଦୀନବାନ୍ଧବ, ମୁକୁନ୍ଦ ମାଧବ, ତବପଦ-ଅରବିନ୍ଦେ ।
ହୃଦେ ରଖି ଶତ୍ର, ଲେଖୁଛି ଭାରତ ପଶାଖେଳେ ନାନାଛନ୍ଦେ ॥୧॥
ପାଇ ଅପମାନ, ରାଜା ଦୁର୍ଯ୍ୟୋଧନ, ଆସିଅଛି ଦୁଃଖମନେ ।
ଏମନ୍ତ ସମୟେ, ଶକୁନି ପ୍ରବେଶ, ହୋଇଲା ତା ସନ୍ନିଧାନେ ।୨।
ମାତୁଳଙ୍କୁ ଦେଖି, ରାଜାହୋଇ ଦୁଃଖୀ, କହିଲେ ଆହେମନ୍ତ୍ରିବର
ଅପମାନ ଯେତେ, ଦେଲେ ଆଜ ମୋତେ, ସଭାରେ ପାଣ୍ଡୁକୁମର
ସର୍ବାଙ୍ଗ ଥରୁଛି, ମନ ପୋଡୁଅଛି, ବ୍ୟାକୁଳ ହେଉଛି ପ୍ରାଣ ।
ଏଥିର ଉପାୟ, ନକଲେ ନିଶ୍ଚୟ, ବନସ୍ତେ ପଶିବି ଜାଣ ।୪।
ହେ ମାମୁ ମରଣ, ଠାରୁ ଅପମାନ, ଅଧିକ କଷ୍ଟ ଦଅଇ ।
କବୁଦ୍ଧି କରିବ କେଉଁଆଡେ ଯିବି କିଛି ବୁଦ୍ଧି ନ ଦିଶଇ । ।
ପାଣ୍ଡବ ସମ୍ପଦ, ଦେଖି ମୋର ହୃଦ, ଅତ୍ୟନ୍ତ ବ୍ୟଥିତ ହୁଏ ।
ପୃଥିବୀ ମଣ୍ଡଳ, ନୃପତି ସକଳ, ଖଟିଲେ ତାହାଙ୍କ ପାଏ ।୬।
କ୍ଷତ୍ରିୟବୀର୍ଯ୍ୟ ଜାତ, ହୋଇ ମୁଁ କେମନ୍ତ, ସହିବି ଜୁହ ତା ମୋତେ ।
ଶକୁନି କହଇ, ଆହେ କୁରୁସାଇଁ, ନ ଭଜ ତା ପାଇଁ ଚିତ୍ତେ ।୭।
କପଟ ପାଶାରେ, କାଲି ଏ ସଭାରେ, ହରିବା ତାଙ୍କ ସମ୍ପଦ ।
ରାଜ୍ୟଧନଆଦି, ଦ୍ରୌପଦୀ ସହିତେ; ନେବା କର ନା କର ଖେଦ ।୮।
ଜନ୍ମଅନ୍ଧ ଚକ୍ଷୁ, ପାଇଲା ପରାଏ ନୃପତି ଆନନ୍ଦ ହେଲା ।
ଯାଇଁ ଖରତରେ, ପିତାର ଆଗରେ ବୁଝାଇ ସବୁ କହିଲା ।୯।
ତାଙ୍କ ପାଶେ ଥିଲେ, ବିଦୁର ସଞ୍ଜୟ, ଶୁଣି ଏସବୁ ବଚନ ।
ଧୃତରାଷ୍ଟ୍ର ଆଗେ, କହଇ ବିଦୁର, ଶିରେ ଦେଇ ବେନିକର ।୧୦।

କୁରୁକୁଳ ଧ୍ୱଂସ, ନ କର ନରେଶ, ପଶାଖେଳ ବଡ଼ ମନ୍ଦ ।
ପୂର୍ବେ ରାଜା ନଳ, ଖେଳି ପଶାଖେଳ, ହାରିଲେ ସର୍ବ ସମ୍ପଦ । ୧
ପୁରାଣେ ଶୁଣିଛ, ଭାଇ ସଙ୍ଗେ କଳି; ଜଳି ମଲା ବାଳିରାଜ ।
ଭାଇ ଭାଇ ଦ୍ୱନ୍ଦ୍ୱ, କଲେ କି ସମ୍ପଦ, ନଷ୍ଟ ହୋଇବ ତୁମ୍ଭର । ୧
ବିଦୁରର ବାଣୀ, ଶୁଣି ନୃପମଣି, ପାଇଲେ ମନରେ ଭୟ ।
ଏକାନ୍ତରେ ବସି, ପୁତ୍ରକୁ ଡାକାଇ, କହନ୍ତି ସେ ଅନ୍ଧରାୟ । ୧୩
ଆରେ ଦୁର୍ଯ୍ୟୋଧନ, ନ ଦିଅ ତୁ ମନ, କଦାପି ପଶାଖେଳରେ ।
ବଂଶ ନାଶ ଯିବ, ସମ୍ପଦ ସରିବ, ଭାଇ ଭାଇ ବିବାଦରେ । ୧୪ ।
ଏ କୁରୁକୁଳରେ, ହିତକାରୀ କେହି, ନାହିଁ ବିଦୁର ସମାନ ।
ତାହାର ମନକୁ; ନ ଆସେ ଏକଥା ମୋର ଚିତ୍ତ ଛନ ଛନ ॥
କୁରୁକୁଳେ ଜ୍ୟେଷ୍ଠ ଅଟେ ପୁଣି ଶ୍ରେଷ୍ଠ ଧର୍ମବନ୍ତ ଯୁଧିଷ୍ଠିର ।
ତା ସଙ୍ଗରେ ଦ୍ୱନ୍ଦ୍ୱ କଲେ ହେବ ମନ୍ଦ କପଟ ନ କରୁ ବୀର ॥ ୧
ତୋଠାରୁ ଅଧିକ, ସମ୍ପଦ ତାହାର, ନୋହିବଟି କଦାଚନ ।
ପୃଥିବୀରେ ସାର, ହସ୍ତିନାନଗର, ତୁହି ତହିଁରେ ରାଜନ । ୧୬
ପଦ୍ମାଗ୍ରାମେ ନୃପ ହୋଇଛନ୍ତିରେ ବାପ, ପିତୃଶୂନ୍ୟ ଯୁଧିଷ୍ଠିର ।
ଅଭିମାନ ତେଜ, ନ କର ଏ କାର୍ଯ୍ୟ ମୋହର ବଚନ କର ।୧୮।
ବାପର ବଚନ, ଶୁଣି ଦୁର୍ଯ୍ୟୋଧନ ହସି କହଇ ଏମନ୍ତ ।
ଜାଣିଲି ବିଦୁର, କଥାରେ ତୁମ୍ଭର ଭୟ ହୋଇ ଅଛି ଜାତ ।୧୯।
ଦାସୀର ଉଦରୁ ଜନମ ତାହାର ବୁଦ୍ଧି ବିବେକ ବା କେତେ ।
ରାଜନୀତି କଥା, ସେ କାହୁଁ ଜାଣିବ କହିବ ତୁମ୍ଭ ଅଗ୍ରତେ । ୨୦।
ବଳେ କଉଶଳେ, ଯେ କେଉଁ ପ୍ରକାରେ, ଶତ୍ରୁକୁ ସାଧି କରିବ ।
ଋଣ ବ୍ୟାଧି ପ୍ରାୟ, ନୋହିଲେ ନିଶ୍ଚୟ, କ୍ରମେ ବିନାଶ କରିବ ॥
ପୁତ୍ରକଥା ଶୁଣି, ଅନ୍ଧ ନୃପମଣି, ବୋଇଲେ ତୁ ଜ୍ଞାନୀ ହୋଇ ।
ବିଦୁରକୁ ନିନ୍ଦା କରୁଛୁ କେମନ୍ତେ ଏହା ବିଚାର ମଣଇ ।୨୨
ଯେଉଁ ସରି ଦୈତ୍ୟ, ଦାନବ କୁଳରେ, ଶୁକ୍ର ଅତି ବିଚକ୍ଷଣ ।
ଅମର ମଣ୍ଡଳେ, ଦେବଙ୍କ ମଧ୍ୟରେ ବୃହସ୍ପତି ତଥା ଜାଣ । ୨୩।

ଉଁପରି ଯଦୁବଂଶରେ ଉଦ୍ଧବ ଅଛନ୍ତି ବିବେକୀ ଜନ ।
ସେପରି କୁରୁକୁଳରେ ବିଦୁର ଜାଣ ଆହେ ଦୁର୍ଯୋଧନ ।୧୪।
ହା ଶୁଣି ହସି, ମାନଚକ୍ରବର୍ତ୍ତୀ, କହଇ ଶୁଣ ହେ ତାତ ।
ଦୁର ସମାନ, ଅବିଶ୍ୱାସୀଜନ, ନାହିଁ ଜଣେ ତ୍ରିଜଗତ । ୧୫ ।
ମୃ ଧନ ଖାଏ, ଶତ୍ରୁ ଗୁଣ ଗାଏ, ଏପରି ତାହାର ରୀତ ।
ମ୍ଭର ଅହିତ, ପାଣ୍ଡବଙ୍କ ହିତ, ସାଧୁଥାଏ ଦିବାରାତ୍ର । ୧୬ ।
ହାକୁ କେହ ଚିହ୍ନି, ନାହିଁ ଆହେ ତାତ, ଗୁରୁଙ୍କୁ ସେ ଚିହ୍ନି ନାହିଁ ।
ହାର କଥାରେ ବିଶ୍ୱାସ ନ ଦିଅ ଭଲକରି ଜାଣେ ମୁହିଁ ।୧୭।
ତ୍ରର ବଚନ ଶୁଣି ଅନ୍ଧରାୟ ମଉନ ହୋଇ ରହିଲ ।
ତର ନ ପାଇ ରାଜା କୁରୁସାଇଁ ତହୁଁ ଉଠି ଚଳିଗଲ ।୧୮।
କହେ ବଂଶୀଧର, ଏହେ ସୁଜନର, ଏ ଗ୍ରନ୍ଥ କଲି ମୁଁ ଶେଷ ।
ଦ୍ରୌପଦୀ ବସ୍ତ୍ରହରଣ ଏହାନାମ ଦେଲି ନ ଧରିବ ଦୋଷ । ୧୯।

ରାଗ ଗୌରୀ ।

ଦୁର୍ଯୋଧନ ଆଜ୍ଞା ପାଇ, ଦୂତଗଲା ବେଗେ ଧାଇଁ;
ଇନ୍ଦ୍ରପ୍ରସ୍ଥେ ଥିଲେ ଯୁଧିଷ୍ଠିର ଆସ୍ଥାନେ ।
ବେନିକର ଯୋଡ଼ି କହେ, ପଠାଇଲେ କୁରୁରାଜେ,
ଭେଟଦେବ ଏକ୍ଷଣି ଯିବ ତାଙ୍କ ସଦନେ ।
ତୁମ୍ଭ ସଙ୍ଗେ ଖେଳିବେ ପଶା ।
ଶୁଣି ଯୁଧିଷ୍ଠିରଙ୍କର ବଳିଲା ଆଶା । ୧ ।
ମନ୍ତ୍ରିବର ସହଦେବ, କେ.ଲେ ଆହେ ଧର୍ମଦେବ,
ପଶାଖେଳ କଳହର ଅଟଇ ଘର ।
କଦାପି ନୁହଁଇ ଭଲ, ନ ବଳାଅ ନୃପନାଥ,
ନ ଯା ଏଣିପାଇ ଦୂତ ହସ୍ତିନାପୁର ।
ଧର୍ମ ନୃପମଣି କହନ୍ତି ।
କେମନ୍ତେ ନ ଯିବ କୁରୁପତି ଡାକନ୍ତି । ୨ ।

କ୍ଷତ୍ରିୟର ଧର୍ମ ଏହି,   ଯୁଦ୍ଧେ ପଶାଖେଳେ କେହି,
ଡାକିଲେ ନ ଗଲେ ଧର୍ମହାନି ହୋଇବ ।
ଏହା କହି ଧର୍ମରାଜ,   ଯିବାକୁ ହୁଅନ୍ତେ ସଜ,
ଭୀମ ଅର୍ଜୁନ ନକୁଳ ଯେ ସହଦେବ ।
ସଜ ହୋଇ ହେଲେ ବାହାର ।
ପ୍ରବେଶ ହୋଇଲେ ଦୁର୍ଯ୍ୟୋଧନ ଗୃହର । ୩ ।
ଉଠି କୁରୁଦଣ୍ଡଧାରୀ,   ଅତି ସମାଦର କରି;
ବସାଇଲେ ଆସନରେ ଆନନ୍ଦ ମନେ ।
ପଶାପାଲି କାଠିସାର;   ଆଣି ଦେଲା ମନ୍ତ୍ରିବର,
ପଶାଖେଳ ଆରମ୍ଭିଲେ ସେ ବେନି ଜନେ ।
କହନ୍ତି ଯେ ଧର୍ମରାଜନ ।
ପଣା ଖେଳିବ ଯେ କେତେ ରଖିଛ ଧନ । ୪ ।
ଦୁର୍ଯ୍ୟୋଧନ ବୋଲେ ମୋର, ହସ୍ତିନାରାଜ୍ୟ ଭଣ୍ଡାର,
ଶତଭାଇ ଭାନୁମତୀ ରାଣୀ ସଙ୍ଗତେ ।
ହାରିଲେ ମୁଁ ଛାଡ଼ିଦେବି, ଆପେ ତୁମ୍ଭ ଦାସ ହେବି,
ଏହି ପଣ କରୁଅଛୁ ସଭା ସାକ୍ଷାତେ ।
ପଣ କଲେ ଧର୍ମନନ୍ଦନ ।
ଭାଇ ଭାରିଯା ସହିତ ଯେ ରାଜ୍ୟଧନ । ୫ ।
ଜିଣିଲେ କୌରବପତି,   ହାରିଲେ ଧର୍ମନୃପତି,
ଉପହାସ କରି କହେ ସୂର୍ଯ୍ୟନନ୍ଦନ ।
ଭୃତ୍ୟ ହେଲ ପାଞ୍ଚଭାଇ,   ସଭାତଳେ ବସ ଯାଇ ।
ନଟଯାଗଟେର ଇହି ତୋଷ ରାଜାର ମନ ।
ହସି କହେ କୁରୁରାଜନ ।
ତାଙ୍କୁ ମିତ୍ର କାର୍ଯ୍ୟଭାର ଦିଅ ବନ୍ଧନ । ୬ ।
କହେ ଦୁଷ୍ଟ କର୍ଣ୍ଣବୀର,   ସୁକୁମାର ଯୁଧିଷ୍ଠିର,
କରି ନ ପାରିବ ଏହୁ କଠିନ କର୍ମ ।

ନିତ୍ୟ ମାନ ଭଙ୍ଗ ଦେବ, ଭୃତ୍ୟପଣେ ଖଟିଥିବ,
ମୋଟା ପେଟା ବଳବନ୍ତ ଅଟଇ ଭୀମ ।
ବହିବ ଏ ତୁମ୍ଭ ବିମାନ ।
ବସନ ପିନ୍ଧାଉଥିବ ନିତ୍ୟ ଅର୍ଜୁନ । ୭ ।
ମାଦ୍ରୀଦେବୀର କୁମର, ଧରି ବ୍ୟଜନ ଚାମର-
ଢାଳୁଥିବେ ତୁମ୍ଭ ଦୁଇପାଖରେ ରହି ।
ରାଣୀହଂସପୁରେ ଦାସୀ, କାର୍ଯ୍ୟ କରୁ କୃଷ୍ଣା ଆସି ।
ମଣ୍ଡନେ ରହିଲ କର୍ଣ୍ଣ ଏକଥା କହି ।
ଦୁର୍ଯ୍ୟୋଧନ କରି ପ୍ରଶଂସା ।
ବୋଇଲି ଏହାକୁ ତଳେ ବସାଅ ଦୁଃଶା । ୮ ।
ରାଜାର ଦେଖି ଅନୀତି, ଭୀଷ୍ମ ଦ୍ରୋଣଙ୍କର ମତି,
ଚିନ୍ତିଲ ହୋଇଲା ଅତି ହେଲେ ଅସ୍ଥିର ।
ଦୁର୍ଯ୍ୟୋଧନର ଭୟରେ, ନ କହି ପାରି ସଭାରେ
ରହିଲେ ମଉନ ହୋଇ ନ ଥାଇଁ ଥିର ।
ବଂଶୀ କହେ ହେ ଚକ୍ରଧର ।
ଚକ୍ର ଗଦା ନାହିଁକି ହସ୍ତରେ ତୁମ୍ଭର । ୯ ।

ରାଗ କାଳୀ ।

ଦେଖି ଏ ରୀତି ବିଦୁର ଅତି ଦୁଃଖିତ ହୋଇ କହେ ।
ମରଣକାଳେ ରୋଗିକି ଯେହ୍ନେ ଔଷଧି ନ ଯୋଗାଏ । ୧ ।
ତୋତେ ତେସନ, ମୋର ବଚନ ଲାଗିଲା ବିଷପ୍ରାୟେ ।
ହେ ଅନ୍ଧରାଜ ନିଶ୍ଚୟେ ଆଜ ହୋଇଲୁ ବଂଶକ୍ଷୟେ । ୨ ।
କର୍ଣ୍ଣ ଶକୁନି ବୁଦ୍ଧିରେ ପଡ଼ି ଏ ଦୁଷ୍ଟ ଦୁର୍ଯ୍ୟୋଧନ ।
ଗୋଖରା ସାପ ଲାଞ୍ଜେ ହାତ ଦେଲଣି ହେ ରାଜନ । ୩ ।
ଯାଦବବୃନ୍ଦ ଘେନି ଗୋବିନ୍ଦ ମାରିବେ ତୋର ବଂଶ ।
ମୋ କଥା ମାନି ଏ ପୁତ୍ର ବନ୍ଧ କର ଅନ୍ଧ ନରେଶ ।

କାକ ହସ୍ତରେ ନକର ତୁହ ହଂସର ଅପମାନ ।
ଜାଣୁତ ଯମ ସଦୃଶ ଭୀମ ଅନଳ ଅରଜୁନ । ୫ ।
ମାଦ୍ରୀ ତନୟ ଭସ୍କର ପ୍ରାୟ ଅଛନ୍ତି ତେଜତୋବନ୍ତ ।
କୋପିଲେ ତୋର ଶତକୁମର ମାଇବେ ଧରି କୁନ୍ତ । ୬ ।
ତୋ ପୁତ୍ରେ କଣ୍ଠ ଭୀମ କେଶଖ ହସ୍ତରେ ଧରି ଗଦା ।
ଚୁଲଇ ବେଗେ ଥରକେ ସ୍ବଟେ ମାରି କରିବ ଗଦା । ୭ ।
ଶୁଣି ଏ ଗିର ଦୁର୍ଯ୍ୟୋଧନର ସ୍ୱଟେ ତର୍ଜର ଅଙ୍ଗ ।
ଓଷ୍ଠ କମ୍ପିଲା ଭ୍ରୂର ନାଚନ୍ତି ଚକ୍ଷୁ ହୋଇଲା ରଙ୍ଗ । ୮ ।
କୃଷ୍ଣ ଚରଣେ ଲଗାଇ ମତି କହଇ ବଂଶୀଧର ।
ହିତ କହିଲେ ଅହିତ ମଣେ ମରଣକାଳେ ନର । ୯ ।

ସ୍ୱଗ କଳଶ ।

କ୍ରୋଧଭରେ ଦୁର୍ଯ୍ୟୋଧନ ବୋଲେ ରେ ଦୁର୍ଜନ । ତୁହି ଦାସୀ ପୁତ୍ର କାହିଁ ହୋଇବୁ ସୁଜନ ॥ ଖାଉ ଆମ୍ଭ ଧନ ଗାଉ ପାଣ୍ଡବଙ୍କ ଯଶ । ତୁଣ୍ଡେ ସୁଧା ତୋର ପେଟେ ପୂରିଆଏ ବିଷ ॥ ଏକ୍ଷଣି ତୋର ମୁଣ୍ଡ କରନ୍ତି ଛେଦନ । ସଭାରେ କହିଲୁ ତୁହି ଯେ କଟୁ ବଚନ । ପିତାଙ୍କର ନୋହିଥାନ୍ତୁ ଯେବେ ପ୍ରିୟ ପାତ୍ର । ନ ଥାନ୍ତା ତୋହର ଶିର ଆରେ ଦାସୀପୁତ୍ର ॥ ଭୀଷ୍ମ ଦ୍ରୋଣ ଶଲ୍ୟଠାରୁ ଏଡେ ଜ୍ଞାନୀ ତୁହି ମସ୍ତକ କମ୍ପାଇ କହୁ ସଭା ମଧ୍ୟେ ରହି ॥ କିଏ ତୋତେ ପଚାରିଲା କାହାକୁ ତୁ କହୁ । ଆପେ ଆପେ ବୁଦ୍ଧିମନ୍ତ ଜ୍ଞାନବନ୍ତ ହେଉ ॥ କହୁଛୁ ଜଣକେ ପଡ଼ ନ ମାଡ଼ଇ ଲାଜ । ତୋର ପରାମର୍ଶେ ଆମ୍ଭେ ନ କରୁ ଏ କାର୍ଯ୍ୟ ॥ ଏହା ଶୁଣି କ୍ରୋଧଭରେ ବୋଇଲେ ବିଦୁର । ତୋହ ଯୋଗୁଁ ହେବ କୁରୁ-କୁଳର ସଂହାର ॥ ଏହି ସବୁ ଅନର୍ଥର ମୂଳ ଅଟୁ ତୁହି । ପୂର୍ବରୁ ଜାଣିଛି ଭଲକରି ଏହା ମୁହିଁ ॥ ଧୃତରାଷ୍ଟ୍ର ଦୁଃଖେ ଦୁଃଖୀ ହୋଇଲେ ଅଜ୍ଞାନ । କହିଲି ତାହାକୁ ମୁହିଁ ଏ ହିତ ବଚନ ॥ ତୋତେ କି କହିବି ସେହି ନ ଶୁଣଇ କାନେ । ହିତବାକ୍ୟ ନ

ଶୁଣଇ ହୃଦାସୁ ରେସବେ ॥ ଏହା କହି ନାରଦ ହୋଇଲେ ବିଦୁର । କୃଷ୍ଣପଦେ ଚିତ୍ତ ରଖି କହେ ବଂଶୀଧର ॥

ମୋଇ ରାଗ ।

କହନ୍ତି ରାଜା ଦୁର୍ଯ୍ୟୋଧନ, ଆରେ ଦୁଃଶାସନ,
ପାଣ୍ଡବଙ୍କୁ ତଳେ ବସା ନେଇ ।
ଆଜ୍ଞାମାତ୍ରେ ଭୃତ୍ୟଗଣ, ଉଠି ତତକ୍ଷଣ,
ଉଠ ଉଠ କହି ଗାଳିଦେଇ । ୧ ।
ସଭା ମଧ୍ୟରୁ ପାଣ୍ଡବେ, ନ ଉଠନ୍ତେ ଜବେ
ଯୁଧିଷ୍ଠିଙ୍କ କର ଧରି ଦୁଃଶା ।
ବଳେ ଆସନୁ ଉଠାଇ, ଗଳେ ଧକା ଦେଇ,
ତଳେ ବସାଇଲା ହୋଇ ରୋଷା । ୨ ।
ପାଇ ଘୋର ଅପମାନ, ଧର୍ମଙ୍କ ନନ୍ଦନ,—
ନୟନେ ନେତ୍ରଜଳ ଥନ ଥନ ।
କ୍ରୋଧ କମ୍ପରୁ ଥର ଥର, ସର୍ବାଙ୍ଗ ଘାମର,
ଗରଜନ୍ତ ଗ୍ରୀଷ୍ମେ ଘନ-ଘନ । ୩ ।
ପ୍ରାତଃକାଳ ସୂର୍ଯ୍ୟ ପରି, ଆଖି ରଙ୍ଗ କରି,
କଟ ମଟ ଦନ୍ତ ଗୃହେଁ ରୋଷେ ।
ଦାନ୍ତ କଡମଡ କରେ, ବାହାସ୍ଫୋଟ ମାରେ,
କାଳାନ୍ତକ ଯମ ସମ ଦିଶେ । ୪ ।
ଉଠେ ପୃଥ୍ୱୀ ଯିବ ବୁଡ଼ି, କଦା ସ୍ୱର୍ଗ ଛିଡ଼ି
ପଡ଼ିବ, ତାହାର ରଡ଼ି ଘାତେ ।
ମେଘ ଘଡ଼ଘଡ଼ି ଜିଣି, ତା ଗର୍ଜନ ଶୁଣି,
କଉରବେ ଭୟ କଲେ ମନରେ । ୫ ।
ହସ୍ତେ ଧରି ଗଦାବର, ଭୈରବ ଆକାର
ବୁଲାଇ ପାଣ୍ଡବ ଧୂମକେତୁ ।

ଧାଇଁ ପାଟନ୍ତି ବୈଷଭ୍ୟରେ; ପୃଥ୍ୱୀଦେବୀ ଥରେ,
ସାଗର ସହିତ ଜଳଜନ୍ତୁ । ୬ ।
ଧର୍ମଦେବଙ୍କ ବଦନ, ଶୁଖେହେଁ ଘନ ଘନ,
ଦେଖି ନୃପମଣି ଦୁର୍ଯୋଧନ ।
ବୋଲେ ଯୁଧିଷ୍ଠି ନିସତ ହେଲେ ଗୁଢ଼ ସତ,
ନିଅନ୍ତୁ ତାହାଙ୍କ ରାଜ୍ୟ ଧନ । ୭ ।
ଲଭେ ହେଠମାଥ ହୋଇ, ଧର୍ମ ନରସାଇଁ;
ବସନ୍ତି ତଳକୁ ମୁଖଗୋଡ଼ି ।
ବୁଝି ତାଙ୍କ ଅଭିପ୍ରାୟ; ବୋଲେ ଧନଞ୍ଜୟ
ହେ ଭାଇ ନ କର ଏ ଅନୀତି । ୮ ।
ଯେବେ ଦଶଦିଗପାଳ, ସହ ଆଖଣ୍ଡଳ;
ତେତିଶ କୋଟି ଦେବତା ଘେନି ।
ଆଉ ବାସୁକି ସହିତ; ଯେତେକ ନୃପନାଥ;
ବ୍ୟାପି ରହିଛନ୍ତି ଏ ମେଦିନୀ । ୯ ।
ଏକ ହୋଇ ଏ ସମସ୍ତେ; ମୋହର ସାକ୍ଷାତେ;
କରନ୍ତୁ ଧର୍ମଙ୍କୁ ଆକ୍ରମଣ ।
ମାର ମନଭେଦ ବାଣ, ମୋର ଏହି ପଣ;
ପଠାଇବ ଯମ ନିକେତନ । ୧୦ ।
ଶୁଣ ତୃଣ ପରି ମଣି; କୌରବ ସଇନି;
ନାହିଁ ଆଜ୍ଞା ଧର୍ମଦେବଙ୍କର ।
ଏହା କହି ଭ୍ରୂଠି କରି; ଭୀମ କର ଧରି;
ବସାଇଲେ ପାର୍ଥ ମହାବୀର ।
ପତିଙ୍କ ଲଖିଥିବା କଣ୍ଣ- ସର ଭଇ ସ୍ୱର;
ବସିଲେ ଉଦାସ୍ୟ ମ୍ଳାନ ହୋଇ ।
କହେ ଦ୍ୱିଜ ବଂଶୀଧର; ଆହେ ବଂଶୀଧର,
ଏ ଘୋର ସଙ୍କଟୁ କର ତ୍ରାହି । ୧୧ ।

ଦ୍ରୌପଦୀ ବସ୍ତ୍ରହରଣ ।

ରାଗ—ଖେମଟା ।

ଦୁର୍ଯୋଧନ ବଦୁରଙ୍କୁ କହେ ଛଳରେ । ହେଲ କପାଇଁ ତୁମ୍ଭେ ମଉନ ହୋଇ । ୧ । ଆହେ ଦାସୀପୁତ୍ର ବସି ଦେଖୁଛ ନେତ୍ରେ । କେତେ କଷ୍ଟ ପାଉଛନ୍ତି ତୁମ୍ଭର ପୁତ୍ରେ । ୨ । ତୁମ୍ଭ ପ୍ରଭୁ କୃଷ୍ଣ ରହି ଅଛନ୍ତି କାହିଁ । ତାଙ୍କୁ ଆଣ ଏ କଷ୍ଟରୁ କରନ୍ତୁ ତ୍ରାହି ।୩। ଦୋଷି ହେଉ ଅଛୁ ଖାଇ ମୋହର ଧନ । ଇନ୍ଦ୍ରପ୍ରସ୍ଥ ଦ୍ରୌପଦୀଙ୍କ ଆଣ ବହନ ॥ ତୁମ୍ଭ ପୁତ୍ରବଧୂ ଆସି ହେଲେ ମୋ ଦାସୀ । ବଦୁର ଶୁଣିଲେ କ୍ରୁଦ୍ଧ ହେଲେକ ଭୂଷି ।୫। କ୍ରୋଧେ ବୋଲେ ଆରେ କୁରୁକୁଳଅଙ୍ଗାର । ବ୍ୟାଘ୍ର ମୁଖେ ପଡ଼ିଲଣି ହେବ ସଂହାର । ୬ । ବଷଧର ସାପ ମୁଖେ ଅଙ୍ଗୁଳି ଦେଇ । ମରଣକୁ ବାନ୍ଧିଲଣି ଗଳାରେ ନେଇ । ୭ । ଦ୍ରୌପଦୀ ଉପରେ ତୋର କି ଅଧିକାର । ଯୁଧିଷ୍ଠିର ହେଲ ପରେ ଜାଜ ଶରୀର ॥ ଦ୍ରୌପଦୀ ଉପରେ ତାର ପ୍ରଭୁତ୍ୱ କାହିଁ । ସେ କୃଷ୍ଣାର ଶରଣ ଅଛନ୍ତି ରହି ।୯। ମୋହର କଥାରେ ଯେବେ ନୋହେ ପ୍ରତୀତ ପଚ୍ଚାର ଏଠାରେ ବୃଦ୍ଧ ମନ୍ତ୍ରୀ ଅଛନ୍ତି । ୧୦ । ପଶାଖେଳେ ଜିଣି ଗର୍ବ କରୁଛୁ ମନେ । ଶିଶୁ ଯାଜ କୁଅଁନ୍ତି କି ଶ୍ରୀମନ୍ତ ତନେ ॥ ଦେଖିଛୁ କି ଜଳମଧେ ଭସେ ପାଷାଣ । ଲଉତୁମ୍ବା ବୁଡ଼ଇକି ଆରେ ଦୁର୍ଜନ । ୧୨ । କୃଷ୍ଣ ଭକ୍ତଜନ କଷ୍ଟ ପାଏ କି କାହିଁ । ତୋର ମୃତ୍ୟୁ ନିକଟ ତୁ ବୁଝିବୁ ନାହିଁ ।୧୩। ଦୁର୍ଯୋଧନ ତାକୁ ଗାଳି ଦେଇ ବହୁତ । ଦେଖିଲା ପାଖରେ ଅଛୁ ସଞ୍ଜୟସୁତ ।୧୪। ତାର ନାମ ପ୍ରତିଗାମୀ ତାହାକୁ କହି । ବୋଇଲା ଏଠାକୁ ଆଣ କୃଷ୍ଣାକୁ ଯାଇଁ ।୧୫। ଦ୍ୱିଜ ବଂଶୀଧର ବୋଲେ ହେ ଚକ୍ରଧର । ଦ୍ରୌପଦୀଙ୍କ ଏ କଷ୍ଟରୁ ଉଦ୍ଧାର କର । ୧୬ ।

ରାଗ—ଦେଶାକ୍ଷ ।

ରାଜା ଆଜ୍ଞା ଭଙ୍ଗ ନ ପାରିଲା । ପ୍ରତିଗାମୀ ଅତି ଦୁଃଖେ ଗଲା । ଇନ୍ଦ୍ରପ୍ରସ୍ଥେ ଯାଇଁ ହୋଇଲା ପ୍ରବେଶ,

ଅନ୍ତଃପୁର ଭିତରକୁ ଯାଇ ସେ । ସଖୀରେ । ୧ ।
କହେ କରପତ୍ର ଯୋଡ଼ି କରି । ଆଗୋ ଦେବି ଦ୍ରୁପଦ କୁମାରୀ ।
ପଶାଖେଳେ ଆଜ ରାଜା ଯୁଧିଷ୍ଠିର;
ତୁମ୍ଭ ସହିତ ସର୍ବସ୍ୱ ହାରି ଗୋ । ଦ୍ରୌପଦି । ୨ ।
ସମ୍ପତ୍ତିରେ ଦାସ ପ୍ରାପ୍ତ ହୋଇ । ଦୁଃଖେ ବସିଛନ୍ତି ପାଞ୍ଚଭାଇ
ଦୁଷ୍ଟ ଦୁର୍ଯ୍ୟୋଧନ ଆଜ୍ଞା ଦେଲା ମୋତେ;
ଦାସୀ ହେବି ତାର ଗୃହେ ଯାଇଁ ଗୋ । ଦ୍ରୌପଦି । ୩ ।
ଏହା ଶୁଣି ଦ୍ରୁପଦ ଦୁଲଣୀ । କ୍ଷଣକାଳ ଚିନ୍ତା କରି ପୁଣି ।
ପଶାଖେଳ କଥା ବିସ୍ତାରି ସକଳ;
କହ କହ ସଞ୍ଜୟନନ୍ଦନ ରେ । ମୋ ଆଗେ । ୪ ।
ପ୍ରତିଗାମୀ କହେ ଶୁଣ ସତୀ । ପୀଡ଼ କଲେ ସକଳ ସମ୍ପତ୍ତି ।
ହାରିଲେ ଯୁଧିଷ୍ଠିର ଜିଣିଲେ କୌରବେ;
ପୁଣି ପୀଡ଼ କଲେ ରାଜ୍ୟ ଧର ହେ । ଦ୍ରୌପଦି ।୫।
ଭାଗ୍ୟେ ଜିଣିଲା ମାନଗୋବିନ୍ଦ । ପୁଣି ପୀଡ଼ କଲେ ଭ୍ରାତୃବୃନ୍ଦ ।
ସେ ବାଜି ଜିଣନ୍ତେ ରାଜା ଦୁର୍ଯ୍ୟୋଧନ;
ପୁଣି କଲେ ନିଜଦେହ ପୀଡ଼ ସେ । ଦ୍ରୌପଦି । ୬ ।
ତହୁଁ ଚଳି ମାନଚକ୍ରବର୍ତ୍ତୀ । ପୁନରପି ସେ ବେନି ନୃପତି ।
ନିଜ ନିଜ ଭାର୍ଯ୍ୟାକୁ ପୀଡ଼ କଲେ
ହାରିଗଲେ ଧର୍ମ ନରପତି ଗୋ । ଦ୍ରୌପଦି । ୭ ।
ଏହା ଶୁଣି ଦ୍ରୁପଦ ଦୁଲଣୀ । ବୋଲନ୍ତେ ତୁ ଫେରି ଯାଇ ପୁଣି
ପଚାରବୁ ସଭାମଧ୍ୟରେ ଏମନ୍ତ;
ରହିଲା କି ତାଙ୍କ ଅଧିକାର ହେ । ମୋ ଠାରେ । ୮ ।
ଏହା ଶୁଣି ପ୍ରତିଗାମୀ ଗଲା । ହସ୍ତିନାରେ ପ୍ରବେଶ ହୋଇଲା ।
କରପତ୍ର ଯୋଡ଼ି ସଭାମଧ୍ୟେ କହେ;
ଏହା କହି ଠୋଇଲେ କୃଷ୍ଣା ହେ । ସୁଜନେ । ୯ ।

ପ୍ରଥମରେ ଆପଣାର ଦେହ । କିବା ମୋତେ ପୀଢ଼ କଲେ କହ
ନିଜ ଦେହ ହାରି ମୋଠାରେ ତାଙ୍କର,
ଆଉ ଅଛି କେଉଁ ଅଧିକାର ହେ । ଧ୍ୱଜନେ । ୧୦ ।
ଶୁଣି କ୍ରୋଧେ ବୋଲେ ଦୁର୍ଯ୍ୟୋଧନ । କିଛି ବୁଝେ ସଞ୍ଜୟ ନନ୍ଦନ
ଯାଅ ଦୁଃଶାସନ କେଶଧରି ଆଣ,
ସଭାମଧ୍ୟେ ରହି କରୁ ନ୍ୟାୟ ସେ । ସୁନ୍ଦରୀ । ୧୧ ।
ଦୁଃଶା ପବନ ପ୍ରାୟ ଧାଇଁଲା । ଇନ୍ଦ୍ରପ୍ରସ୍ଥେ ପ୍ରବେଶ ହୋଇଲା ।
କହେ ବଂଶୀଧର ହେ ଆରତତ୍ରାଣ,
ରଖ ଆସି କଷଣ ପଡ଼ିଲା ହେ । ମାଧବ । ୧୨ ।

ରାଗ— ଖଣ୍ଡିତା ।

କ୍ରୋଧେ ଦୁଃଶାସନ ଗଲା ପଣ୍ଡବେ ମନ୍ଦିରେ ।
କୁନ୍ତୀ ଦେବୀ ଆସି ବାଟ ଓଗାଳିଲେ ଦ୍ୱାରେ ।
ଦୁଃଶାସନ ରେ ।
ରହ ରହ ଶୁଣ ମୋ ବଚନ ରେ । ୧ ।
ଭାଇ ଭାଇ କଳି କଲ କୃଷ୍ଣାର କି ଦୋଷ ।
କୁଳବୁଆଷୁଣୀ ସେହି ଛାଡ଼ ଛାଡ଼ ରୋଷ ।
ଦୁଃଶାସନ ରେ ।
ସଭାରେ ଅଛନ୍ତି ଗୁରୁଜନ ରେ । ୨ ।
ନ ଶୁଣି ତା ଦୁଃଶା ଗଲା ଠେଲି କ୍ରୋଧଭରେ ।
ମୁହିଁ ମାଡ଼ିକରି ଦେବୀ ପଡ଼ିଲେ ଭୂମିରେ ।
ଉଚ୍ଚସ୍ୱରେ ଯେ ।
ବୋଇଲେ ଦ୍ରୌପଦୀ ଲୁଚ ଘରେ ଗୋ । ୩ ।
ଉଠି ପୁଣି କାନ୍ଦି ଉଚ୍ଚେ ବୋଲନ୍ତି ହେ ହରି ।
ଛାଡ଼ି କରି ଗଲୁଣି କି ଦ୍ୱାରକାନଗରୀ ।
ଯଦୁମଣି ହେ ।
ଚକ୍ର କିବା ନାହିଁ ଚକ୍ରପାଣି ହେ । ୪ ।

ପାଣ୍ଡବଙ୍କଠାରେ ଦୟା ନାହିଁ କି ତୋହର ।
ତେଣୁ ସିଂହ ଘରେ ତଳେ ପଶାଇ ଶୃଗାଳ ।
ଭବଗ୍ରାହୀ ହେ ।
ଏ ଘୋର ବିପଦୁ କର ତ୍ରାହି ହେ । ୬ ।

କୁନ୍ତୀଙ୍କର ଡାକ ଶୁଣି ଦ୍ରୁପଦ ଦୁଲଣୀ ।
ପାକଶାଳା ଘରେ ଗୋପ୍ୟ ହୋଇଲେ ସେକ୍ଷଣି ।
ଦୁଃଶାସ୍ୱାର ହେ ।
ବଳେ ପଶି ଖୋଜେ ପ୍ରତିଘର ହେ । ୬ ।
ବେଶ ହେବା ଘର ଆଉ ଚନ୍ଦ୍ରଶାଳାପୁର ।
ରାଣୀହଂସପୁର ଆଦ ଅଗ୍ନିହୋତ୍ର ଘର ।
ସାତପୁରେ ହେ ।
ନ ପାଇ ସେ ଦୁଃଖିତ ଅନ୍ତରେ ହେ । ୭ ।

ଲଇଁ ପଡ଼ ପାକଶାଳା ଘରକୁ ଗୃହିଲ ।
କବାଟ କଣରେ ନୃପସୁତାଙ୍କୁ ଦେଖିଲ ।
ଦୁଃଶାସ୍ୱାର ଯେ ।
ମନମଧ୍ୟେ କରଇ ବିଚାର ଯେ । ୮ ।
ସହସ୍ର ଚନ୍ଦ୍ର କି ଉଦେ ହୋଇଛି ଏ ଘରେ ।
କିବା ବିଜୁଳି ପ୍ରତିମା ଲୁଚିଛି ଏ ପୁରେ ।
ସ୍ୱର୍ଗତତ୍ୱ ଯେ ।
ମୋହନୀ କାମିନୀ ହେବ ସତ୍ୟ ଯେ । ୯ ।
ଏତେ ଭାଳି ଧାଇଁ ଯାଇ ପଶିଗଲା ଘରେ ।
ଚନ୍ଦ୍ରମାକୁ ଯେଉଁପରି ରାହୁ ଗ୍ରାସ କରେ ।
ସେହିପରି ଯେ ।
ଧରନ୍ତେ ଦ୍ରୌପଦୀ ଭୟ କରି ଯେ । ୧୦ ।

ବୋଲନ୍ତି ରେ ଦୁଃଶା ତୁହି ନ ଛୁଅଁ ମୋ ଅଙ୍ଗ ।
ଯାକା ସ୍ପର୍ଶ ହୋଇଛି ନୁହେ ସ୍ୱାମିଯୋଗ୍ୟ ।
ସ୍ୱାରମଣି ହେ ।
ସ୍ପର୍ଶକଲେ ହେବ ଧର୍ମହାନି ହେ । ୧୧ ।

ଦୁଃଶା ବୋଲେ ଛୁଇଁଲେ କି ହେବ ଗୋ ସୁନ୍ଦରୀ ।
ବୁଝାଇ କହନ୍ତି ତାକୁ ଦ୍ରୁପଦକୁମାରୀ ।
ଶୁଣ ସ୍ୱାର ହେ ।
ପ୍ରଥମ ଦିନର ସମାଚାର ହେ । ୧୨ ।

ରଜୋବତୀ ନାରୀକି ଯେ ପୁରୁଷ ଛୁଇଁବ ।
ଲିଙ୍ଗଭଗ୍ନ ମହାଦୋଷ ତାହାକୁ ଲାଗିବ ।
ସ୍ୱାର ଈଶ ହେ ।
ଦ୍ୱିତୀୟରେ ବ୍ରହ୍ମହତ୍ୟା ଦୋଷ ହେ । ୧୩ ।

ତୃତୀୟ ଦିନରେ ମାତୃ-ହରଣ ଯେ ଦୋଷ ।
ଚତୁର୍ଥ ଦିନରେ ପୁତ୍ର କନ୍ୟା ଯାଏ ନାଶ ।
ପାଅଁିଦନେ ହେ ।
ନାରୀ ଯାଏ ପତି ସନ୍ନିଧାନେ ହେ । ୧୪ ।

ହସି ଦୁଃଶାସନ କହେ ତୁ ବଡ ଚତୁରୀ ।
କେତେ ରଙ୍ଗେ କଥା କହୁ ହୋଇ ବାରନାରୀ ।
ହାତ ଧରି ସେ ।
ବାହାରକୁ ଆଣିଲା ଓଟାରି ସେ । ୧୫ ।

କେଶଣୀ ପାରି ପରାୟେ ଲୋଟନ୍ତି ଧରଣୀ ।
କ୍ରୋଧ ପାପୀ ଦୁଃଶା ଛାଡ଼ିଦେଇ ତାଙ୍କ ପାଣି ।
କେଶ ଧରି ସେ ।
ଘେନିଯାନ୍ତି କାନ୍ଦନ୍ତି ସୁନ୍ଦରୀ ସେ । ୧୬ ।

ସାରିକ ସଖୀଗଣ [illegible] ୨ । ତାଙ୍କ ଆଣି ଏ ସମ୍ଭ[illegible]
ଦ୍ରୌପଦୀଙ୍କି ଦୁଃ[illegible] [illegible]ରି ସମ୍ଭତେ[illegible]
ନାରୀଗଣ ଦେ[illegible] । ୩ । ଦେ[illegible]

ବକଳରେ କରନ୍ତି ଦେ[illegible] [illegible]କୁଳ ଠାକୁରାଣୀ
ଛାଡ଼ ଛାଡ଼ କେଶ ଗାର [illegible]
ଏମନ୍ତେ କାନ୍ଦି କହନ୍ତେ ପା[illegible]ପୀ ଦୁଃଶା ଗାର
ଘୋଡ଼ାପର ନେଇ ।

ଧାଇଗଲା ହସ୍ତିନା ନଗରୀ ହେ । ୧୮ ।
ଦେବୀଙ୍କର ପାଦ ଦୁଇ ନ ଲାଗଇ ତଳେ ।
ବାମହସ୍ତେ କେଶଧରି ଦୁଃଶା ସମ୍ଭତଳେ ।
ଯାଜ୍ଞସେନୀ ଯେ ।

କହନ୍ତି ମୁଁ କରୁଛି ବନ୍ଦିନୀ ହେ । ୧୯ ।
ଭୀଷ୍ମ ଦ୍ରୋଣ ଆଦି ଗୁରୁ ଗଉରବ ଜନ ।
ସମ୍ଭଙ୍କୁ ନ ଜାଣ ମୋତେ ଆରେ ଦୁଃଶାସନ ।
ଏହା କହି ଯେ ।

ଉଚ୍ଚସ୍ୱରେ କାନ୍ଦନ୍ତି ସୁମୁଖୀ ଯେ । ୨୦ ।
ଦ୍ୱିଜ ବଂଶୀଧର କହେ ଏ ଛାନ୍ଦ ରହସ୍ୟ ।
ଆତେହ ପୁଜ୍ଜଜନେ ହେଲା ଏଠାବରେ ଶେଷ ।
ଭବଗ୍ରାହୀ ହେ ।

ତ୍ରିପଦରୁ କର ଆସି ତ୍ରାହି ହେ । ୨୧ ।

ରାଗ ଧନାଶ୍ରୀ ।

ବକଳରେ ସତୀ ବେଦନ କରନ୍ତି ଗୃହ ଆଡ଼କୁ ଗୃ[illegible]
ଦେଖିଲେ ଧୂଳି ଉପରେ ବସିଛନ୍ତି ଯୁଧିଷ୍ଠିର ନୃପ[illegible]
ଗୃହ ଭାଇଙ୍କି ଘେନି ।
ଅତି କଷ୍ଟେ ଗଣ୍ଡେ ଦେଇ ପାଣି । ୧ ।

ରେ,କଥ ହେବାରୁ ଯେ ତାହାଙ୍କର ।
ନ ନେଇ ନ୍ଧା ହେବାରୁ ପାଣ୍ଡବଙ୍କର ।
ପଭଁ ସବୁ ଯାଉଛନ୍ତି ପୁଣି ।
। ତାଙ୍କ ଗ୍ ଆଣି । ୨ ।
ର ଦୁଃଶାସନ ଆଣ ଏ ସଭାମଧ୍ୟକୁ ।
ତାର ଜାନୁ ପତ୍ରବନ ଦେଖିବା ଆଜ୍ଞା ତାହାକୁ ।
ଶୁଣି ଦୁଃଶା ସାମର ।
ସଭା ମଧ୍ୟକୁ ନେଲା ସତ୍ୱର । ୩ ।
ର ଜାନ୍ନ ଦ୍ରୁପଦନନ୍ଦନୀ ବୋଲନ୍ତି ହେ ଭୀଷ୍ମ ଦ୍ରୋଣ ।
ଭୃଷ୍ଟତା ସୋମଦତ୍ତ ଶଲ୍ୟ ବିଦୁର ହେ ରାଜଗଣ ।
ଧର୍ମ ଜାଣିକ ଏତଥ ।
କିଛି ନ କୁହ କିପାଁ ସମସ୍ତେ । ୪ ।
ଶୁଣି ଭୀଷ୍ମ କହନ୍ତି ଗୋ ସତି ଅତି ସୂକ୍ଷ୍ମ ଧର୍ମତତ୍ତ୍ୱ ।
ଦ୍ରବ୍ୟରେ ଅନ୍ୟର ନୋହେ ଅଧିକାର ଜାଣି ଏହା ସତ୍ୟ ।
ଦ୍ରବ୍ୟ ମଧ୍ୟରେ ଖାସ୍ତ ।
ଗଣା ହୁଏ କି ନ ହୁଏ ତାହା । ୫ ।
ଦେଶ ଧନ ଜନ ହାରିଲେ ସିଏ କଦାପିତ ଯୁଧିଷ୍ଠିର ।
କହନ୍ତି ଆଜଗା ସୁବଦନା ଏ କଥା ତାକୁ ପଚାର ।
ବଂଶୀ କହେ ଗୋ ସତି ।
ହୁଦେ ସୁମର କମଳାପତି । ୬ ।

ରାଗ—ଚୋଖି ।

ଲେ ଯେ ବିକର୍ଣ୍ଣ ଦୁର୍ଯ୍ୟୋଧନ ସାନ ପାଣ୍ଡବଙ୍କର ଏ କଷ୍ଟ
ଆବର ଏ ଘୋର କଷଣ କୃଷ୍ଣାର ଦେଖି ମନେ ମନେ
ଦୁଃଖୀ ॥ କହେ କ୍ରୋଧଭରେ ହୋଇ, ହାତକୁ ହଲାଇ,
ଙ୍କ ମୁଖକୁ ଚାହିଁ । ସର୍ବେ ମଉନ ହେଲ; କିଛି ନ କହିଲ,

ଏପରି ଅନ୍ୟାୟ କାହିଁ ନାହିଁ । ୨ । ଡାକ ଆଣି ଏ ସଭାରେ,କପଟେ ପଶାରେ, ହରିନେଇ ତାଙ୍କ ରାଜ୍ୟଧନ । ଟିକି ସଭାତଳେ ନେଇ ତାହାଙ୍କୁ ବସାଇ, ଦେଲ ଯେତେ ଅପମାନ । ୩ । ଯେଉଁ ସତୀ ଶିରୋମଣି, ଦ୍ରୁପଦ ଦୁଲଣୀ, କୁରୁ ପାଣ୍ଡୁ କୁଳ ଠାକୁରାଣୀ । ତାଙ୍କୁ ସଭାକୁ ଅଣାଇ, ଅପମାନ ଦେଇ, ସଗ୍ୟରକ୍ତ ସେ ନ କୁହ ପୁଣି ।୪। ଆଗ ଆପଣାକୁ ପଣ,କରି ନୃପମଣି,ହାରି ଦ୍ରୌପଦୀଙ୍କି କଲେ ପଣ । କୁହ କପର ତାଙ୍କର; ହେଲ ଅଧିକାର,ଆଉ ଗୁରୁଜନ ଥାଉଁ ପୁଣ ।୫। ଆହୁ ପୁଣି ରଜୋବତୀ, ଯେବଣ ଯୁବତୀ, ସଭାକୁ ଆଣ ଏ କେଉଁ ନୀତି । ମୋର ବିଗ୍ୟରକୁ ଯାହା, ଆସିଲ ମୁଁ ତାହା କହିଲି ବିଗ୍ୟରି ନରପତି ॥ ସେହି ବିକର୍ଣ୍ଣ ବଚନ, ଶୁଣି ସଭାଜନ, ଧନ୍ୟ ଧନ୍ୟ ବୋଲି ପ୍ରଶଂସିଲେ । ମୂର୍ଖଲୋକଙ୍କ ଗୃହରେ,ଶଲ୍ୟ ପରକାରେ, ରାଜାଙ୍କ ଦ୍ୱିଜବଂଶୀ ବୋଲେ । ୭ ।

ରାଗ ଦେଶାକ୍ଷ ।

ବିକର୍ଣ୍ଣ ବଚନ ଶୁଣି, କହେ କର୍ଣ୍ଣ ଶିର ଢୁଣି,ଆହେ କୁରୁ ନୃପ-ମଣି ତୁମ୍ଭ ବଂଶରେ । ସବୁ ଭାଇଠାରୁ ସାନ, ହୋଇଲେହେଁ ଏହି ବିକର୍ଣ୍ଣ, ବଡ଼ ବିଜ୍ଞ ଧର୍ମ ନୀତି ଆଦି ଶାସ୍ତ୍ରରେ । ବୁଦ୍ଧିମନ୍ତ ଯାପରି ଉତ୍ପନ୍ନ । ଖୋଜିଲେ ଯେ ନ ପାଇବ ତିନିଭୁବନେ । ୧ । କାଷ୍ଠରୁ ଅନଳ ଜାତ,ହୋଇ ଯେମନ୍ତେ ତାକୁ ହତ, କରଇ ଏହି ତେମନ୍ତ ଦହିବ କୁଳ । ଏ ସଭାରେ ଯେ ଅଛନ୍ତି,କେହି କିଛି ନ ଜାଣନ୍ତି, କେବଳ ଏହାକୁ ଜଣା ନ୍ୟାୟ ସକଳ । ତେଣୁ ହାତ ହଲାଇ ଆସି । କହିଲା ପ୍ରକୃତ କଥା ସଭାରେ ବସି । ୨ । ଆରେରେ ବିକର୍ଣ୍ଣ ତୁହି, ପାଗଳ ପରାୟେ ଏହି ସଭାରେ କହୁଛୁ ଲଜ୍ଜା ନ ମାଡ଼େ ତୋତେ । ପଶାରେ ସର୍ବସ୍ୱ ହାରି ଗଲେ ଧର୍ମ ଦଣ୍ଡଧାରୀ କୃଷ୍ଣାକୁ ସେ ନ ହାରିଲେ କହ କେମନ୍ତେ । ଦ୍ରୌପଦୀ କି ତହୁଁ ବାହାର । ନବୁଝି କପାଇଁ କରୁ ବାଗାଡ଼ମ୍ବର । ୩ । ପୁଣି ବୋଲୁ ରଜୋବତୀ;

ସଖୀଙ୍କୁ ଯେ ନ ଆସନ୍ତି, କୁଳବତୀଙ୍କର ସେହି ଧର୍ମ ଅଟଇ । କି ଲଜ ନାହିଁ ବେଶ୍ୟାର, ପାଞ୍ଚଜଣ ଯେ ଏହାର, ଏ ଅଇଲ ତୋତେ କପାଁ ଲଜ ମାଡ଼ଇ । ଏ ସଂସାର ମଧ୍ୟରେ କାହିଁ । ଏକ ରମଣୀର ପାଞ୍ଚପତି ଅଛଇ । ୪ । ଏକରେ ସତୀ ରମଣୀ, ଦୁଇରେ ଯେ ଦୋଗୁରୁଣୀ, ତହିଁରୁ ଅଧିକ ହେଲେ ବେଶ୍ୟା ହୁଅଇ । ଦୁର୍ଯ୍ୟୋଧନ ନରପତି, ବୋଲେ ତାର ଶିଶୁମତି, ଉନ୍ନ ହୋଇଯାଅ ନିତ କିଛି ନ କହି । ଆପଣାର ଜାନୁ ଦେଖାଇ । ଆଖିଠାରେ ଦ୍ରୌପଦୀର ମୁଖକୁ ଗୁହିଁ ॥ ଶକୁନି ଇଙ୍ଗିତ କରେ, କର୍ଣ୍ଣ ଆଖିଠାର ମାରେ, ଦେଖି କୌରବଙ୍କ ଏହି ଘୋର ଅନୀତି । ଭୀଷ୍ମ ଦ୍ରୋଣ ଆଦି ଯେତେ, ଶଲ୍ୟବିଦୁର ସହିତେ, ଲଜରେ ବସିଲେ ମୁଖ ତଳକୁ ପୋତି । ବଂଶୀଧର କହଇ ଗୀତେ । ଏହା ସହି ରହିଅଛି ପୃଥ୍ୱୀ କେମନ୍ତେ । ୫ ।

ରାଗ ଶଙ୍କରାଭରଣ ।

କହନ୍ତି ଦ୍ରୌପଦୀ ଦେବୀ ପାଣ୍ଡବଙ୍କୁ ଗୁହିଁ । ଅନାଥା ହୋଇଲି ନାଥ ଥାଉଁ ଥାଉଁ ମୁହିଁ । ଏକପତି ନୋହିଁ ପୂଣ । ପାଞ୍ଚଗୋଟା ଭର୍ତ୍ତାକର ପାଇଲି କଷଣ । ୧ । ସିଂହ ଘରେ ପଶି ଶଶା କରୁଅଛି ନୃତ୍ୟ । ବଳ ବୀର୍ଯ୍ୟ କେଣେ ଗଲା ହେଲ,ଏଥେ ଭୃତ୍ୟ । ଆହେ ଧର୍ମ ନୃପମଣି । ସବୁଠାରେ ଜଣାଅଛ ଧର୍ମବନ୍ତ ପ୍ରାଣୀ । ୨ । କ୍ଷତ୍ରିପୁତ୍ର ହୋଇ ଏହା ସହୁଛ କେମନ୍ତେ । ଆପଣାର ଘରଣୀକୁ ଦେଇଁ ଶତ୍ରୁ ହସ୍ତେ । ଧିକ ଧିକ ତୁମ୍ଭପଣ । କାହିଁପାଇଁ ରଖିଅଛ ଏଜନ୍ମକୁ ପ୍ରାଣ । ୩ । ଯୁଧିଷ୍ଠିର ବୋଲନ୍ତି ଗୋ ଦ୍ରୁପଦଦୁଲଣୀ । ସତ୍ୟପାଶେ ବନ୍ଧା ହୋଇଅଛୁ ଗୋ ତରୁଣୀ । କଟା ଘାଅରେ ଲୁ ଚୂନ । ନ ଦିଅ ନ ଦିଅ ଗୀତେ କହେ ବଂଶୀ ଦୀନ । ୪ ।

ରାଗ ଖଣ୍ଡିତା ।

କହନ୍ତି ବେଦନ କରି ଭୀମର ଅଗ୍ରତେ । ଆହେ ପ୍ରାଣନାଥ ତୁମ୍ଭ ସାକ୍ଷାତରେ ମୋତେ । ଏତେକଷ୍ଟ ହେ । ଦେଉଛନ୍ତି ଏଦୁଷ୍ଟ ପାପିଷ୍ଟ

ହେ । ୧ । ଶୁଣୁଛ ଇଙ୍ଗିତ କରି କହୁଛନ୍ତି ଯେତେ । ଜାନୁ ଦେଖା-
ଉଛି ମନ୍ଦ ଦୁର୍ଯ୍ୟୋଧନ ମୋତେ । ପ୍ରାଣନାଥ ହେ । ତୁମ୍ଭେ ଏହା
ସହୁଛ କେମନ୍ତେ ହେ ॥ ଏକବସ୍ତ୍ରା ହୋଇ ବସିଥିଲି ମୁଁ ଦୁଆରେ ।
କୁନ୍ତୀଦେବୀ ତାଙ୍କ ଶୁଣେ ଲୁଚିଲି ମୁଁ ଘରେ । ପ୍ରାଣନାଥ ହେ । କେଶ
ଧରି ଆଣିଲା ଏ ମୋତେ ହେ । ୩ । ତେତେତକବେଳେ ଯେଉଁପର
ହେଉଥିଲ ପ୍ରାଣ । ଜାଣନ୍ତି କେବଳ ତାହା ପ୍ରଭୁ ଯଦୁଗଣ । ପ୍ରାଣନାଥ
ହେ । ତୁ ମିତର ନ ଲାଗିଲା ଚରଣ ହେ । ୪। କାଳେବର ଗଦା କବା
ନାହିଁ ତୁମ୍ଭ କରେ । ଶତସିଂହ ବଳ ଥାଉଁ ତୁମ୍ଭର ଦେହରେ । ପ୍ରାଣ-
ନାଥ ହେ । ଏବେ ତ ହୋଇଲି ମୁଁ ଅନାଥ ହେ । ୫ । ନରସିଂହ
ହୋଇଁ ଏବେ ଶୃଗାଳ ହୋଇଲ । କ୍ଷତ୍ରିୟର ସବୁ ଧର୍ମ ହରାଇ ବସିଲ
ପ୍ରାଣନାଥ ହେ । ଧିକ ୨ ତୁମ୍ଭର ଜୀବତ ହେ ॥ ହେ ଗାଣ୍ଡୀବଧାରୀ
ବୀର କେଶରୀ ଅର୍ଜୁନ । ଅଗ୍ନିଙ୍କି ତୋଷିଲ ଦେଇ ଖାଣ୍ଡବକାନନ ।
ବୀରବର ହେ । କେଣେ ଗଲା ସେବଳ ତୁମ୍ଭର ହେ । ୭। ଆହେ ବୀର
ସୁକୁମାର କୁମାର ନକୁଳ । ଜନନୀ କୁନ୍ତୀ ହୋଇ ଗଲ କଦ୍ଦିଫାଳ ।
ବୀରମଣି ହେ । ତୁନ ହୋଇଅଛ ଦେଖି ଶୁଣି ହେ । ୮ । ଆହେ
ମନ୍ତ୍ରିବର ମାଦ୍ରୀଦେବୀଙ୍କ କୁମର । ଆଗତ ଭବିଷ୍ୟ ସବୁ ତୁମ୍ଭେ
କହିପାର । ଜାଣିଥିଲ ହେ । ମୋତେ ଏହା କପାଁ ନ କହିଲ ହେ ॥
ମନ୍ତ୍ରିବର ସହଦେବ ହୋଇଲେ ଗୋ ସତ । ବସ୍ତ୍ରକୂଟ ଏହି
ରତ୍ନେ ରନ୍ତ ଯଦୁପତି । ବଂଶୀଧର ହେ । ଗୀତେ କହେ ଯୋଦ୍ଧୃ
ତେଜକର ହେ । ୧୦ ।

ରାଗ କଳଶା ।

ବସିଥିଲ ଭୀମସେନ ଦୁଇଙ୍କ ଭିତରେ । କୃଷ୍ଣାର କରୁଣ ବାଣୀ
ପଶନ୍ତେ କର୍ଣ୍ଣରେ । ରାଗେ ହେଲା ଜର୍ଜରିତ ସର୍ବାଙ୍ଗ ତାହାର ।
ନାଚିଲା ଭ୍ରୂଲତା ଆଉ କମ୍ପିଲା ଅଧର ॥ ଜ୍ୱଳନ୍ତ ଅନଳ ତୁଲ୍ୟ ଦିଶିଲା
ତା କାୟ । ଘୂରିଲା ନୟନ ଦୁଇ କାଳଚକ୍ର ପ୍ରାୟ ॥ ସିଂହନାଦ

କରି ତର୍ଜି ଉଠିଲା ସେ ଘାରୁ । ଆରେ ଆରେ ଦୁଃଶା କହି ଧରି ଗଦା-ବରୁ ॥ ଦୁଲନ୍ତେ କମ୍ପିଲା ପୃଥ୍ୱୀ ଆକାଶ ପାତାଳ । ଶଇଳ କାନନ ସପ୍ତ ସମୁଦ୍ରର ଜଳ ॥ ଉଚ୍ଚସ୍ୱରେ ବୋଲେ ଆରେ ଆରେ ଦୁଃଶା-ସନ । ରେରେ କୁରୁ କୁଳାଙ୍ଗାର ଦୁଷ୍ଟ ଦୁର୍ଯ୍ୟୋଧନ ॥ ଆଜି ଏହି ଗଦାଘାତେ ନାଶିବି କୌରବ । ଏହା ଦେଖି ଧନଞ୍ଜୟ ଧଇଲେ ଗାଣ୍ଡୀବ ॥ ଗୁଣ ଦେଇ ଘନ ଘନ ଟଙ୍କାରନ୍ତେ ଦେଖି । ଯୁଧିଷ୍ଠିର ମନେ ମନେ ହେଲେ ମହାଦୁଃଖୀ ॥ କୁନ୍ତ ଧରି ନକୁଳ ସେ କଲ ଗର୍ଜନ । ଖଡଗ ସହଦେବ ଧରେ ଅନଳ ସମାନ ॥ ମାରୁ ମାର ଧରୁ ଧର ନ କର ବିଳମ୍ବ । ଆଜି କଉରବ କୁଳ କରିବା ସଂହାର ଦେଖି ଧର୍ମ ନୃପତିଙ୍କ ମନ ଛନ ଛନ । ମନମଧ୍ୟେ ଡାକନ୍ତି ହେ ପ୍ରଭୁ ଭଗବାନ ॥ ଏହା କହି ଗର୍ଜନ୍ତେ ସେ ଘୋର ସହୋଦର । ଗର୍ଜନ୍ତି କୌରବେ ଭୟେ ହୋଇଲେ କାତର ॥ ଏ ଘୋର ବିପଦୁ ରକ୍ଷାକର ଆସି ମୋତେ । କୌରବଙ୍କୁ ଆଜି ଭୀମ ନ ମାରେ ଯେମନ୍ତେ ॥ ଅନ୍ଧ ନୃପତିର କଷ୍ଟ ନ ହୁଏ ଯେପରି । ତାହାର ବିଧାନ କର ଆହେ ନରହରି ॥ ଏହା କହୁଁ କହୁଁ ତାଙ୍କ ନେତ୍ରୁ ନୀର ଧାର । ପୃଥ୍ୱୀପାତେ ବହି ପଡ଼େ ହୋଇ ଝର ଝର ॥ ଦ୍ୱିଜ ବଂଶୀଧର କହେ ନ ହୁଅ କାତର । ବିପଦ-ଭଞ୍ଜନ ହରି କରିବେ ଉଦ୍ଧାର ॥

(ଗୁଣସାଗର କୃତ)

ବଙ୍ଗଳାଶ୍ରୀ ।

ଅତ୍ୟନ୍ତ କାତର ହୋଇ ଯୁଧିଷ୍ଠିର ଉଠି ଯାଇ ତରୁତଳେ ।
ବୋଲନ୍ତିରେ ଭୀମ କଲା ଏହି କର୍ମ ଜନ୍ମେ ମୋତେ ସଂସାରେ
ଭୁଷିତ ପଣ୍ଡିତ ଜାଣୁ ନୀତି ଶାସ୍ତ୍ର ଧର୍ମବନ୍ତ ପ୍ରାଣୀଙ୍କର ।
ବିପଦ-ରାଶିକି ଖଣ୍ଡନ କରନ୍ତି ଚକ୍ର ଧରି ଚକ୍ରଧର । ୧ ।

ସ୍ତ୍ରୀ ଗୋଟା ପାଇଁ ଭାଇଙ୍କି ମାରିବା କଦାପି ଏ ନୋହେ ଧର୍ମ ।
ଦ୍ରୌପଦୀ ପରିସ୍ଥେ ଶତ ଶତ ନାରୀ ମିଳିବ ଆମ୍ଭଙ୍କୁ ଭୀମ । ୩ ।
ଦୁର୍ଯ୍ୟୋଧନ ଦ୍ୱାରୁ ଆମ୍ଭେ ଆଉ ଗୋଟା ଭାଇ ପାଇବା କି କାହୁଁ
ଆମ୍ଭେ ସତ୍ତ୍ୱ ଥିଲେ ଦ୍ରୌପଦୀର କଷ୍ଟ ଉଦ୍ଧାରିବେ ମହାବାହୁ ॥
ରେ ବାବୁ ଅର୍ଜୁନ ତୋହର ଏ କର୍ମ ଦେଖି ମୁଁ ଆଶ୍ଚର୍ଯ୍ୟ ହେଲି ।
ଧାର୍ମିକର ମନ ଅଧର୍ମରେ ଯାଏ ଏହା ବିଚିତ୍ର ମଣିଲି ॥
ରେ ବାବୁ ନକୁଳ ନ ହୁଅ ବ୍ୟାକୁଳ ଯୁଗ ଯେ ବ୍ରହ୍ମ ଚଣ୍ଡାଳ ।
ଯୁଗ ଶାନ୍ତକଥ ଚିତ୍ତସ୍ଥିର କଲେ କାର୍ଯ୍ୟ ହୋଇବ ସଫଳ ॥
ଆରେ ସହଦେବ ଏ ଚିତ୍ତ ତୋହର ଦେଖି ମୁଁ ନ ଥିଲି ଏମନ
ମନ୍ତ୍ରିବର ହୋଇ ବୁଝାଇ ନ କହି ଅସ୍ତ୍ର ଧରି ଉଠୁ କେହ୍ନେ ॥
ଯଉ ଥିବା ପାଣି ବନ୍ଧ ପକାଇଲେ ରହିଯାଏ ଯେହ୍ନେପର ।
ଯୁଧିଷ୍ଠିରଦେବଙ୍କ ବଚନରେ ସ୍ଥିର ହୋଇଲେ ସେ ଭାଇସ୍ତର ॥
ଧର୍ମ ନୃପବାଣୀ ସଭାଜନେ ଶୁଣି ବୋଇଲେ ତୁ ଧନ୍ୟ ଧନ୍ୟ ।
ଧନ୍ୟ କୁନ୍ତୀଦେବୀ ଏ ପୁତ୍ର ପାଇଲୁ ଧନ୍ୟ ତୋର ପୂର୍ବ ପୁଣ୍ୟ ॥
କହେ ବଂଶୀଧର ନବମ ପଦରେ ଏ ଛାନ୍ଦ ହୋଇଲା ଶେଷ ।
ଏଥୁ ଅନନ୍ତରେ ମନକର୍ଣ୍ଣ ଦେଇ ଶୁଣ ଅପୂର୍ବ ରହସ୍ୟ । ୧୦ ।

ଯୁଗ ରଣବାଜେ ।

ହସ୍ତେ ଗଦାଧରି କହେ ବୀର ବୃକୋଦର । କରିଥାନ୍ତି ଆଜ ମୁହିଁ କୌରବ ସଂହାର ॥ ଧର୍ମ ନୃପଙ୍କ ଯୋଗୁ ପାଇଲେ ଜୀବନ । ମୋହର ପ୍ରତିଜ୍ଞା ଏବେ ଶୁଣ ସଭାଜନ ।୨। ରଣସ୍ଥଳେ ବିଦାରିବି ଦୁଃଶାସନ ଉର । ସନ୍ତୁଷ୍ଟ ହେବି ମୁଁ ପିଇ ତାହାର ରୁଧିର ।୩। ଯେ ଭୁଜରେ ଧରିଛି ଏ ଦ୍ରୌପଦୀର କେଶ । ଉପାଡ଼ିବି ତାହାର ସେ ଭୁଜକୁ ଅବଶ୍ୟ ।୪। କୁରୁ କୁଳ କୁଳାଙ୍ଗାର ଏ ଦୁର୍ଯ୍ୟୋଧନର । ଉରୁଭଗ୍ନ କରିବି ମୁଁ ମାରି ଗଦାବର ॥ ଯଦ୍ୟପି ସେକାଳେ ତାକୁ ହୁଅନ୍ତି ସହାୟ । ଦଶଦିଗପାଳ ଆଉ ଦେବତା ନିଚୟ ॥ ନାଗବଳ

ସହ୍ୱତରେ ଅଥବା ଅନନ୍ତ । ପୃଥ୍ୱୀରେ ଅଛନ୍ତି ବା ଯେତେ ବଳବନ୍ତ ତାହାଙ୍କ ସାକ୍ଷାତେ ନିଶ୍ଚେ ମୋର ଏହି ପଣ । ସତ୍ୟ ସତ୍ୟ ସତ୍ୟ ମୋତେ ଯୁଧିଷ୍ଠିରଙ୍କ ଆଣ ॥ ନ କରିବି ଯେବେ ମୁହିଁ ହେବି ଗୁରୁ ଦ୍ରୋହୀ । ଶପଥ କରୁଛି ପିତୃ ପିତାଙ୍କୁ ମୁଁ ଗୁହିଁ ।୯। ଆତ୍ମହତ୍ୟା ମାତୃହତ୍ୟା ଗୋହତ୍ୟା ସ୍ତ୍ରୀହତ୍ୟା । ବ୍ରହ୍ମହତ୍ୟା ପିତୃହତ୍ୟା ଗୁରୁଜନ ହତ୍ୟା ।୧୦। ଏ ଆଦି ଯେତେକ ପାପ ଅଛି ଏ ସଂସାରେ । ସେ ଫଳ ପାଇବି ଏହା ନ କଲେ ସମରେ ।୧୧। ହସ୍ତରେ ଗାଣ୍ଡୀବ ଧରି କହେ ଧନଞ୍ଜୟ । ସଭାରେ କହୁଛି ଯାହା କରିବି ନିଶ୍ଚୟ ॥ କୁରୁ କୁଳାନ୍ତକ ଏହି କର୍ଣ୍ଣିକୁ ସମରେ । ମାରିବି ପ୍ରତିଜ୍ଞା କରି କହୁଛି ସଭାରେ ॥ ମନ୍ତ୍ରୀ ସହଦେବ ବୋଲେ ଶୁଣ ସଭାଜନ । ଏ ଦୁଷ୍ଟ ଶକୁନି ଯୋଗୁ ଆମ୍ଭ ଅପମାନ ॥ ଏହାକୁ ମାରିବି ମୁହିଁ ଏ ସତ୍ୟ ମୋହର । ଏହା କହି ସହଦେବ ହେଲେ ନିରୁତ୍ତର ॥ ସଭାମଧ୍ୟେ ଯେତେ ଥିଲେ ବିଜ୍ଞ ସଭାସଦ । ପାଣ୍ଡବଙ୍କୁ ସେତେ-ବେଳେ ଦେଲେ ଧନ୍ୟବାଦ ॥ ଦୁଷ୍ଟଜନମାନଙ୍କର ମୁଖ ଶୁଖି ଗଲା । ଠହି ଠହି ହୋଇ କର୍ଣ୍ଣ ସେ କାଳେ ହସିଲା ॥ ବୋଇଲା ପାଣ୍ଡବେ ଏହି ସଭାର ସାକ୍ଷାତେ । କହିଗଲେ ପାଗଳଙ୍କ ପ୍ରାୟେ ଯେତେ ଯେତେ ॥ ହସ୍ତିର ଗର୍ଜନେ ସିଂହ ପଳାଏ କି ଡରି । ଭୁଜଙ୍ଗ ଆସଇ ଯେବେ ଫୁଁଫୁଁକାର କରି ॥ ତାହାକୁ କି ଦେଖି ଭୟ କରଇ ଗରୁଡ଼ । ଦୁର୍ଯ୍ୟୋଧନ ବୋଲେ ମିତ ତାଙ୍କ କଥା ଛାଡ଼ ॥ ଆରେ ଦୁଃଶାସନ ତୁହି ବିଳମ୍ବ ନ କର । କାଢ଼ି ଆଣ ପାଣ୍ଡବଙ୍କ ଅଙ୍ଗୁ ଅଳଙ୍କାର ॥ ଦୁର୍ଯ୍ୟୋଧନର ଏ କଥା କରିଣ ଶ୍ରବଣ । ପାଞ୍ଚ ଭାଇ ଫିଙ୍ଗି ଦେଲେ ଅଙ୍ଗୁ ଆଭରଣ ॥ କହନ୍ତି ଦ୍ୱିଜ ବଂଶୀଧର ଛାନ୍ଦ ହେଲା ଶେଷ । ଏଥୁ ଅନନ୍ତରେ ଶୁଣ ଅପୂର୍ବ ରହସ୍ୟ ।୨୩

ରାଗ କାମୋଦୀ ।

ଦ୍ରୌପଦୀଙ୍କ ବଦନ, ଶୁଣି କୁରୁ ରାଜନ ବୋଲଇ ଆଗୋ ରସବତି ତୋତେ ବଦଳୁ ରଖି, ନ ପାରିଲେ ସୁମୁଖି ଥାଇ କି ହେବ ପଞ୍ଚପତି ଗୋ । ପିକଭାଷିଣି । ଏବେ କି କରିବୁ ତୁ କହ । କାହାନ୍ତି ତୋର

ଯଦୁରାୟ । ହେ ପଣ୍ଡୁଜ ତୋହର ଡାକ ଟେଗା ଗ୍ରମାବ ର ସେ;
ଝଣ୍ଡ୍ରୁ ତୋ ବଳଗତି ରେ ।୧। ବୋଲନ୍ତ ଗଜଗମା ସେ ପ୍ରୀ,
ମହମା ଦେବମାନଙ୍କେ ଅଗୋଚର । ଜାଣିବୁ ନାହୁଁ ତୁହି ଧୁ
ସଙ୍ଗେ ରହ ଯେ ପ୍ରଭୁ ଭକତ ପ୍ରସାଦର ରେ । କୁନ୍ତୀସୁତା । କ
ଇତିହାସ ଶୁଣ । ଗଜକୁମ୍ଭୀର ବବରଣ । ଗାହ ଅଗାଧ ଜଳେ
ଜୁଆର ବେଳେ ଯେପରି ହେଲା ତାର ଗତି ରେ ॥ ଘୁସି ବ
ସେଗଲା ଅରଣ୍ୟରେ ନଗିଲା ଏକାକୀ ଗ୍ରାହଙ୍କ ଜୁଆର । ସେସ୍ଥାନ
ଯୋଜନ ଦୂର ସେ ହ୍ରଦ ଜାଣ ନ ଯାଇ ପାରଣ କୁମ୍ଭୀର ଚ
ବ୍ୟାକୁଳରେ । ଦେଖିଣ ଏକ ଗଜଜନରେ । ଗଜର ରାତର ଧୀରେ
ଧୀରେ । ବୋଲଇ ନର ଗ୍ରାହ ଜଳ ବିହୁରେ ମୁହିଁ ନଷ୍ଟ
ଗ୍ରହିବ ଶରୀର ସେ ॥ ତାର ଆରତ ଦେଖି ଗଜ ହୋଇ
ଦୁଃଖୀ ତାହାକୁ ପିଠିରେ ବସାଇ । ହ୍ରଦପାଶକୁ ଯାଇ ଗଜବ
କହଇ ଏଠାରୁ ଯାଅ ଗାହ ଗ୍ରହିଲ ସେ । ନକ୍ରବର । ବୋଲେ
ଭୟ ନିହନ ମୋର । ଅତ୍ୟନ୍ତ ଦୁର୍ବଳ ଶରୀର । ଜଳମଧ୍ୟ
ନେଇ ଗ୍ରହିବ ଅ ହେ ଭାଇ ନର ଏତେକ ଉପକାର କର । ତ
କଥାରେ ବିଶ୍ୱାସ କରି ସେ ଗଜଙ୍କ ଅଗାଧ ଜଳରେ ପଶିଲା
ଅବିଶ୍ୱାସୀ କୁମ୍ଭୀର ଜଳେ କୂଡ଼ ସତ୍ୱର ତାହାର ଚରଣ ଧରିଲା
ଗଜବର । ଆରତେ ବୋଲେ ଚକ୍ରଧର । ଗ୍ରାହମୁଖରୁ ରକ୍ଷାକର
ଗଜମୁଖରୁ ମୁହିଁ ସ୍ତବ ଜାଣଇ ନାହିଁ ତୁମ୍ଭେତ କରୁଣା ସାଗର
ସେ ॥ ରୁକ୍ମିଣୀ ସଙ୍ଗେ ପଶା ଖେଳୁଥିଲେ ଏଶ୍ୱର ପଶିଲା ତାହାଙ୍କ
କର୍ଣ୍ଣରେ । ରଖିଲ କହ ଧୀରେ ଭୁଜକୁ ଟେକି ଦେଲେ ରୁକ୍ମିଣୀ ତାଙ୍କୁ
କ୍ରୋଧରେ ହେ ପ୍ରାଣନାଥ । ରଖିଲ କେଉଁ ଗୋଟି ନାହିଁ । ମତେ
ତ ତାହା ଜଣା ନାହିଁ । ଦାନତ ପଡ଼ି ଆଡ ପଡ଼ୁଛି ଯଦୁପତି କପଟ
ତେଜି କହ ସତ ହେ ॥ ହସି ହୋଇଲେ ହରି କ ବୁଝିବ ସୁନ୍ଦରି
ପରାପର କଥା ଏ ଜନାନ୍ତେ । ଗ୍ରାହ ଭୟରୁ ଗଜ ଡାକିଲା ତାକୁ
ଆଜ ରଖିଲି ନାହିଁ ଗ୍ରାହ ଭକ୍ଷ୍ୟ ହେଗା । ପ୍ରାଣସହ । ହସି କହେ ବାଇ ଲେ
ରୁକ୍ମିଣୀ । ମିଛ କହୁଛ ଚକ୍ରପାଣି । ଦେଖିଥିଲୁଁ ପ୍ରତୀତ ଯିବ ହେ

ଯେତ ଶ୍ରୀଣ ପ୍ରଭୁ ଭବଗ୍ରାହୀ ଯେ । ୭ । ଗରୁଡ଼କୁ ଚଳ୍ପିଲେ
ପୃଷ୍ଠେ ବସନ୍ତ କଲେ ରୁକ୍ମଣୀକିକୋଳରେ ଘେନ । ନମିଷକେ
ଡ଼ ଗଲ ଦ୍ୱାଦଶଯୁଗ ଦେଖିଲେ ଶୃଙ୍ଗ ଥାଇ ଦେନ ସେ ।
। ଗୋଟି । ହୋଇଅଛୁ ରୁଧିରମୟ । ଚକ୍ର କାଟିଛୁ ନକ୍ର
। ଗଜ ରହିଛୁ କୂଳେ ରୁକ୍ମଣୀ ଦେଖି ବୋଲେ ପଦ୍ମଚରଣ
ଲ କେତି ସେ ।୮। ଘୋର ସଙ୍କଟୁ ତାର ପାରନ୍ତି ସେହି ହରି
ବନା ଦେକ ଅଛୁ ଜଗତେ । ମୋତେ ସଙ୍କଟୁ ପାର କରବେ
ଧାଗ୍ର ଯେଣୁ ମୁଁ ଡାକୁଛି ଆରତେ ହେ । କୁରୁପତି । ଅବଶ୍ୟ
ବେ ପାଣ୍ଡବେ । ଯେଣୁ ପାଣ୍ଡବେ ପ୍ରିୟଅଛ । ବଂଶୀଧର ବଦନ
। କହ ଦ୍ରୌପଦୀ ହୃଦୟ ମଧ୍ୟ କଲେ ସ୍ତୁତି ହେ । ୯ ।

ଯଥା ରାଗ ।

କମଳାବିଳାସ ହେ ପୀତବାସ । ମୁକୁନ୍ଦ ମୁରାରି ହୃଷୀକ ଈଶ
। କରୁଣାସିନ୍ଧୁ । ବିପଦଭଞ୍ଜନ ଅନାଥବନ୍ଧୁ ॥ ଗଜକୁ ତାରିଲ
ହିରଣ୍ୟବାର । ପ୍ରହ୍ଲାଦକୁ କଲ ସଙ୍କଟୁ ପାର । ହେ କରୁଣାସିନ୍ଧୁ ।
ପଦଭଞ୍ଜନ ଅନାଥବନ୍ଧୁ ॥ ଧ୍ରୁବକୁ ଯେ ଧ୍ରୁବପଦ ଦେଇଛ ।
ହାପାପୀ ଅଜାମିଳ ତାରିଛ ହେ । କରୁଣାସିନ୍ଧୁ । ବିପଦଭଞ୍ଜନ
ନାଥବନ୍ଧୁ ॥ ମୁହିଁତ ଅବଳା ନାହିଁ ମୋ ବଳ । ତୁମ୍ଭେ ମୋର
ଭବନ୍ଧୁ ପ୍ରସାଦର ହେ । କରୁଣାସିନ୍ଧୁ । ବିପଦଭଞ୍ଜନଅନାଥବନ୍ଧୁ
ମ୍ଭେ ପିତା ମାତା ହର୍ତ୍ତା କର୍ତ୍ତା । ତୁମ୍ଭ ବିନୁ ମୋର ନାହିଁ କେ
ର୍ତ୍ତା ହେ । କରୁଣାସିନ୍ଧୁ । ବିପଦଭଞ୍ଜନ ଅନାଥବନ୍ଧୁ ॥ ରଖ
ତବ୍ରତା ଧର୍ମ ମୋହର । ଲଜ୍ଜା ନିବାରଣ କର ସତ୍ୱର ହେ ।
ରୁଣାସିନ୍ଧୁ । ବିପଦଭଞ୍ଜନ ଅନାଥବନ୍ଧୁ ॥ ବଳାତ୍କାରେ ଦୁଷ୍ଟ ଏ
ଦୁଃଶାସନ । ସଭାରେ ମୋ ଅଙ୍ଗୁ କାଢେ ବସନ ହେ । କରୁଣା-
ସିନ୍ଧୁ । ବିପଦଭଞ୍ଜନ ଅନାଥବନ୍ଧୁ ॥ ଧର୍ମପାଶେ ବନ୍ଧା ଧର୍ମ ନପତି ।
ତେଣୁ ତୁମ୍ଭପାଦେ କରୁଛି ନତି ହେ । କରୁଣାସିନ୍ଧୁ । ବିପଦଭଞ୍ଜନ

ଅନାଥବନ୍ଧୁ ॥ କୌରବେ ଦେଲେଣି ଯେ ଅପମାନ । ତୁମ୍ଭ ବିନା କାହୁଁ ଜାଣିବ ଆନ ହେ । କରୁଣାସିନ୍ଧୁ । ବିପଦଭଞ୍ଜନ ଅନାଥବନ୍ଧୁ । ତୁମ୍ଭେ ଅନ୍ତର୍ଯ୍ୟାମୀ ନ ଜାଣ କାହା । ନ ଯାଇ ଜୀବନ ସହୁଛି ଯାହା ହେ । କରୁଣାସିନ୍ଧୁ । ବିପଦଭଞ୍ଜନ ଅନାଥବନ୍ଧୁ । ୧୦ । ଯେବେ ନ ରଖିବ କହୁଛି ସତ । ସ୍ତ୍ରିସୀ ହତ୍ୟା ଦୋଷ ନେବ ଅଚ୍ୟୁତ ହେ । କରୁଣାସିନ୍ଧୁ । ବିପଦଭଞ୍ଜନ ଅନାଥବନ୍ଧୁ ॥ ଆହେ ଦୀନଜନ ବାନ୍ଧବ ହରି । ଦେବକୀନନ୍ଦନ ମୁରଲୀଧାରୀ ହେ । କରୁଣାସିନ୍ଧୁ । ବିପଦଭଞ୍ଜନ ଅନାଥବନ୍ଧୁ ॥ ଦ୍ରୌପଦୀର ଶୁଣି କରୁଣ ବାଣୀ । ବୋଇଲେ ନ ଡର ରାଜଦୁଲଣୀ ଗୋ । ରଖିଲି ତୋତେ । ଦ୍ୱିଜ ବଂଶୀଧର କହଇ ଗୀତେ ॥



ରାଗ—କୁମ୍ଭକାମୋଦୀ ।

ଦ୍ୱାରକାରେ ସତ୍ୟଭାମା ପୁରେ ହରି ବିଜେ କରିଥିଲେ ।
ଦ୍ରୌପଦୀଙ୍କ ଡାକ ପଶନ୍ତେ କର୍ଣ୍ଣରେ ଚମକି ପଡ଼ିଲେ । ୧ ।
ଗରୁଡ଼ ପିଠିରେ ଆରୋହି ସତ୍ୱରେ ମିଳିଲେ ଶୂନ୍ୟରେ ।
ଅମ୍ବରଙ୍କୁ ଚାହିଁ ପ୍ରଭୁ ଭବଗ୍ରାହୀ ବୋଇଲେ ସଧୀରେ । ୨ ।
ତୁମ୍ଭ ନିକଟରେ ଦ୍ରୌପଦୀ ଦେବୀଙ୍କ ଅଛଇ ବସନ ।
ତାହା ଦେଇ ତାଙ୍କ ଲଜ୍ଜା ନିବାରଣ କର ହେ ତପନ । ୩ ।
ଶ୍ରୀହରିଙ୍କ ଆଜ୍ଞାପାଇ ସୂର୍ଯ୍ୟ ଛାୟା ମାୟାକୁ ହକାରି ।
ବୋଇଲେ ଭଣ୍ଡାରୁ ବସ୍ତ୍ର ଘେନିଯାଅ ହସ୍ତିନାନଗରୀ । ୪ ।
ଦୁର୍ଯ୍ୟୋଧନ ଆଜ୍ଞାପାଇ ଦୁଃଶାସନ ତୁରିତେ ଉଠିଲା ।
ଦ୍ରୌପଦୀ ଦେବୀଙ୍କ ପିନ୍ଧିଲା ବସନ ଅଙ୍ଗରୁ କାଢ଼ିଲା । ୫ ।
ଭୀଷ୍ମଦ୍ରୋଣ ଆଦି ଲଜ୍ଜାଭରେ କଲେ ତଳକୁ ବଦନ ।
କେ ବୋଲେ ହେ ଧର୍ମ ଦେବତା ନିବାର ଦ୍ରୌପଦୀ କଷଣ । ୬ ।

କେ ବୋଲେ ହେ ଧାନବାନ୍ଧବ କପାଇଁ ନ ହୁଅ ସହାୟ ।
ପାଣ୍ଡବଙ୍କଠାରେ କରୁଣା ନାହିଁ କି ଆହେ ଦୟାମୟ । ୭ ।
କେ ବୋଲେ ଚକ୍ର କି ନାହିଁ ତୁମ୍ଭ କରେ ଆହେ ଚକ୍ରଧର ।
କପାଇଁ ନ କାଟି ପକାଉଛ ଏହି ଦୁଷ୍ଟଙ୍କର ଶିର । ୮ ।
ଏହିପରି ଜନେ ବ୍ୟାକୁଳରେ କେତେ ପ୍ରକାରେ ବୋଲନ୍ତି ।
ପାଞ୍ଚିଭାଇ ସଭାତଳେ ବସିଛନ୍ତି ଲଜ୍ଜେ ମୁଖ ପୋତି । ୯ ।
କହେ ଦୁର୍ଯୋଧନ ଆରେ ଦୁଃଶାସନ ଫେଡ଼ ଯା ବସନ ।
ଦେଖିବା ତାହାର କେମନ୍ତେ ସୁନ୍ଦର ଜାନୁ ଯଉବନ । ୧୦ ।
ଏହାକହି ଏକ ଦୃଷ୍ଟିରେ ଅନାଇ ରହିଲ ନୃପତି ।
କର୍ଣ୍ଣ ଶକୁନି ଏ ପରିହାସ କଥା କୁହାକୁହି ହୁଅନ୍ତି । ୧୧ ।
ଅଙ୍ଗରୁ ବସନ କାଢ଼ି ଦୁଃଶାସନ ପକାଇ ଦଅଇ ।
ଯୁଗ୍ମ ମାୟା ଦୁହେଁ ପୁଣି ଖଣ୍ଡେ ବସ୍ତ୍ର ଦଅନ୍ତି ପିନ୍ଧାଇ । ୧୨ ।
ଅଦୃଶ୍ୟ ଭାବରେ ଶୂନ୍ୟେ ରହିଥାନ୍ତି କେହି ନ ଦେଖନ୍ତି ।
ଯେତୁ ମାୟାଧର ମାୟାର ସାଗର ମାୟା କରୁଛନ୍ତି । ୧୩ ।
ବାରମ୍ବାର ଦୁଃଶାସନକୁ କହଇ ରଜା ଦୁର୍ଯୋଧନ ।
ଦୁଃଶାସନ ଖଣ୍ଡେ କାଢ଼ି ପୁଣି ଦେଖେ ଅଙ୍ଗରେ ବସନ । ୧୪ ।
ପ୍ରହରେ ପର୍ଯ୍ୟନ୍ତ କାଢ଼ି ଶ୍ରମପାଇ ବସିଲ ଭୂତଳେ ।
ପର୍ବତ ସମାନେ ବସ୍ତ୍ର ଗଦା ଦେଖି ଆଶ୍ଚର୍ଯ୍ୟ ସକଳେ । ୧୫ ।
କଳା ଧଳା ନୀଳ ପିଙ୍ଗଳ ସାଗୁଆ ରଙ୍ଗ ହଳଦିଆ ।
ନାନାରଙ୍ଗ ଶାଢ଼ୀ ମଠା ଆଉ ପାଟ ପତନୀ ଖଣ୍ଡୁଆ । ୧୬ ।
କୁଢ଼ କୁଢ଼ ହୋଇ ପଡ଼ିଛି ବସନ ଦେଖି ସଭାଜନ ।
ଧନ୍ୟ ଧନ୍ୟ ସତୀ ଦ୍ରୁପଦ ନନ୍ଦିନୀ ଧନ୍ୟ ପଣ୍ଡୁନନ୍ଦନ । ୧୭
ଧିକ ଦୁର୍ଯ୍ୟୋଧନ ଧିକ ଦୁଃଶାସନ ଧିକ ଧିକ କର୍ଣ୍ଣ ।
ଏହିପରି ସଭାମଧ୍ୟରୁ ଉଠିଲ ନାନାତ ବଚନ । ୧୮ ।

ନନ୍ଦାବାଣୀ ଶୁଣି ରାଜା ଦୁର୍ଯ୍ୟୋଧନ ହୋଇ ବଡ଼ ଘୋଷା ।
ହୋଇଲ୍ଲ ଦ୍ରୌପଦୀ ଅଙ୍ଗରୁ ବସନ କାଢ଼ ଆରେ ଦୁଃଶା ।୧୯।
ଦୁର୍ଯ୍ୟୋଧନ ରାଜା ମୁଖ ଚାହିଁ ଭୀଷ୍ମ ବୋଲଇଲେ ସଧୀରେ ।
ତୋର୍ ରାଣୀମାନେ କେତେ ବସ୍ତ୍ର ଦିଅନ୍ତି ଅଛନ୍ତି ନେତା ଘରେ ।୨୦
ବସ୍ତ୍ରରେ ମାୟା ଜାଣି ନ ପାରୁଛୁ ଅହଙ୍କାର ବନ୍ଧ ।
ନ ଶୁଣିଲ ଭୀଷ୍ମ ଦେବଙ୍କ ବଚନ ରାଜା କୁରୁସାଇଁ । ୨୧ ।
ପୁଣି ଯାଇ ଦୁଃଶା କାଢ଼ିଲା ବସନ କହେ ବଂଶୀଧର ।
ସଙ୍କଟ ତାରଣ ଦୁଷ୍ଟ ନିବାରଣ ସଙ୍କଟ ଉଦ୍ଧାର । ୨୨ ।

ରାଗ—କଳଶା ।

ସଭାମଧ୍ୟେ ବସିଥିଲ ବୀର ବୃକୋଦର । ସହ୍ୟକରି ନ ପାରି
ସେ ଉଠିଲ ସତ୍ୱର । ୧ କୁମ୍ଭାରର ଚକପ୍ରାୟେ ଗଦାକୁ ବୁଲାଇ ।
ସିଂହନାଦେ ବେନି ପାଦେ ମେଦିନୀ କମ୍ପାଇ ।୨। ତରାଟି ନୟନ
ଦୁଇ ବୋଇଲେ କ୍ରୋଧଭରେ । ଆଜ କୁରୁକୁଳ ଧ୍ୱଂସ କରିବି
ସମରେ । ୩ । ଆଜ ରୁଧିରରେ ଧରା ଦେବୀଙ୍କି ମଣ୍ଡିବି । ଆଜ
ପୁନର୍ବାର ଅନ୍ଧରାଜାକୁ କରିବି । ୪ । ଆଜ ଗଦାଘାତେ ଚୂର୍ଣ୍ଣ
କରିବି ହସ୍ତିନା । ଆଜ ଦୁର୍ଯ୍ୟୋଧନ ଶିର କରିଦେବି ଚୂନା ।୫।
ଆଜ କୌରବଙ୍କ ରକ୍ତେ ବୁହାଇବି ନଈ । ଆଜ ଗୃଧ୍ର ଶୃଗା-
ଳଙ୍କୁ ତୋଷ କରିବଇଁ । ୬ । ଆଜ କେ ରଖିବ ରଖୁ କୌର-
ବଙ୍କୁ ଆସି । ଏହା ଦେଖି ଧନଞ୍ଜୟ କହିଲେ ଆଶ୍ୱାସି ॥ କ୍ରୋଧ
ଶାନ୍ତ କର ଭାଇ ନ ହୁଅ ଅସ୍ଥିର । ଦୃଢ଼ଭାବେ ଧର୍ମେ ମତି ଅଛି
ଧର୍ମଙ୍କର । ୮ । ସାକ୍ଷାତରେ ଦେଖୁଅଛ ଧର୍ମର ମହିମା । କପାଇଁ
ଅଧର୍ମେ ମତି ଦିଅ ମହାତ୍ମା । ୯ । ଭୀମ ବୋଲେ ରକ୍ତମାଂସ
ଶରୀରକୁ ବହି । କେ ସହି ପାରିବ ଏହା କହ ଆରେ ଭାଇ ॥
ଅର୍ଜୁନ ବୋଲନ୍ତି ଅଉ କ୍ଷଣେ ହୁଅ ସ୍ଥିର । ଏହା ଶୁଣି କ୍ରୋଧ-
ଶାନ୍ତ କଲେ ବୃକୋଦର । ୧୧ । ବେଢ଼ୁବେନି କୌରବଙ୍କ

ଅନାଚ ଦେଖିଣ । ଦ୍ରୌପଦୀଙ୍କ ହୃଦ ହେଲ କ୍ରୋଧାନଳେ ପୂର୍ଣ୍ଣ ॥ ଦେଖାଗଲେ ଅଗ୍ନି ପ୍ରାୟ ସେ କାଳରେ ସତୀ । ଭସ୍ମ କରି ଦେବି ମନେ ବିଗ୍ଚାର କରନ୍ତି । ୧୩ । ଏ ସଭାକୁ ଭସ୍ମକରି ଦିଅନ୍ତି ଏକ୍ଷଣି । ଭୀଷ୍ମ ଦ୍ରୋଣ ଆଦି ଙ୍ଗାଟରେ ଅଛନ୍ତି ପୁଣି ॥ ବହୁତ ନିର୍ଦ୍ଦୋଷୀ ପ୍ରାଣୀ ଅଛନ୍ତି ଏଥିରେ । ଏମାନଙ୍କୁ ଭସ୍ମକଲେ ପଡ଼ିବି ନର୍କରେ ॥ ଏମନ୍ତ ବିଗ୍ଚାରି କରି ହୃଦମଧ୍ୟେ ସତୀ । ଯେବଣ ସୂତ୍ରରେ ଅଛି ରାଣୀ ଭାନୁମତୀ ॥ ସେ ସୂତ୍ରକୁ ଗ୍ଚାହିଁଦେଲେ ମହା କ୍ରୋଧଭରେ । ଉଠିଲ ଅନଳରାଶି ଭୀଷଣ ଆକାରେ ॥ ସୂତ୍ର ଭସ୍ମ କରି ରାଣୀ ଦେହରେ ଲଗିଲ । ଭାନୁମତୀ ଅଙ୍ଗୁ ବସ୍ତ୍ର କାଢ଼ି ଫିଙ୍ଗିଦେଲ ॥ ଭୟରେ ପଳାଇ ଆସି ମିଳିଲ ସଭାରେ । ଉଲଗ୍ନ ହୋଇଛି ସର୍ବେ ଦେଖିଲେ ନେତ୍ରରେ ॥ ତରଭରେ ଉଠି ଯାଇ ରାଜା ଦୁର୍ଯ୍ୟୋଧନ । ପିନ୍ଧାଇଲ ଆପଣାର ଉତ୍ତରୀ ବସନ ॥ ହସିଲେ ସକଳ ଲେକେ ନାକେ ହାତ ଦେଇ । ଦୁର୍ଯ୍ୟୋଧନ ମୁଖ ଗ୍ଚାହିଁ ବିଦୁର କହଇ । ୨୧ । ଚିନ୍ତା କରୁଥିଲୁ ତୁହି ପରର ଯେ ମନ । ତେରି ମନ ଚିନ୍ତା କଲେ ପ୍ରଭୁ ଆଦିକନ୍ଦ । ୨୨ । ସତୀ ଶିରୋମଣି ଯେହ୍ନେ ରମଣୀ ରତନ । ଦେଖିବାକୁ ଇଚ୍ଛା କରୁ ତା ଭାନୁ ଯୌବନ ॥ ତାର ବିପରୀତ ଫଳ ଦେଖିଲୁ ସାକ୍ଷାତେ । ତୋର ଭାନୁମତୀ ଅଙ୍ଗ ଦେଖିଲେ ସମସ୍ତେ ॥ ଲଜ୍ଜେ ଦୁର୍ଯ୍ୟୋଧନ କିଛି କାହାକୁ ନ କହି । ସଭାମଧ୍ୟୁ ଉଠିଗଲ କା ମୁଖ ନ ଗ୍ଚାହିଁ । ୨୪ । ଦ୍ୱିଜ ବଂଶୀଧର କହେ ଯୋଡ଼ି ବେନିକର ସଙ୍କଟରୁ ତ୍ରାହିକର କମଳାରବର । ୨୬ ।

ରାଗ—ଗୁଣ୍ଡିକ୍ରୀ ବସନ୍ତ ।

ଦେଖି ଏ ଉତ୍ପାତ ଦୁର୍ଯ୍ୟୋଧନ ମାତ ଧାଇଁ ଯାଇ ଅନ୍ଧଆଗେ । ହସ୍ତିନାନଗର ଭସ୍ମ ହେଲ ତୋର ଦୁଷ୍ଟ ଦୁର୍ଯ୍ୟୋଧନ ଯୋଗେ ହେ । ନାଥ । କର ଯାଇଁ ଦ୍ରୌପଦୀଙ୍କି ଶାନ୍ତ ହେ । ଦେଖ ଦେଖ ବହେ ତପ୍ତବାତ ହେ । ଖସି ଆକାଶୁ ପଡ଼େ ନିର୍ଘାତ ହେ । ନିତ୍ୟେ

କୌରବେ ହେବେ ନିପାତ ହେ ।୧। ଏ ବଚନ ଶୁଣି ଅନ୍ଧ ନୃପମଣି ଭୟରେ ହୋଇ ତରସ୍ତ । ସଞ୍ଜୟ ସଙ୍ଗରେ କୃଷ୍ଣା ନିକଟରେ ମିଳି ବୋଇଲେ ଏମନ୍ତ ଗୋ । ମାତ । ମୁହିଁ ତୋର ଅଟେ ଜ୍ୟେଷ୍ଠ ତାତ ଗୋ । ମୋର କଥା ମାନି ହୁଅ ଶାନ୍ତ ଗୋ । ଦୁଷ୍ଟ ଅଟନ୍ତି ମୋହର ସୁତ ଗୋ । ଯାହା ମାଗିବୁ ତୁ ଦେବି ସତ୍ୟ ଗୋ । ୨ । ଅନ୍ଧ ବାଣୀ ଶୁଣି ଦ୍ରୁପଦ ଦୁଲଣୀ ବୋଇଲେ ଦିଅ ଏ ବର । ଗୁରୁଭାଇ ସହ ଧର୍ମ ନୃପତିଙ୍କି ଦାସତ୍ୱରୁ ମୁକ୍ତକର ହେ । ନୃପ । ହେଉ କହି ବୋଇଲେକ ଭୂପ ସେ । ଅନ୍ୟବର ମାଗ ଛାଡ଼ି କୋପ ସେ । କୃଷ୍ଣା ମାଗିଲେ ପୁଣି ଏରୂପ ସେ । ୩ । ଦିଅ ରାଜ୍ୟ ଧନ ହେ କୁରୁବଂଶଜନ ହେଉ କହଣ ନୃପତି । ପୁଣି ବର ମାଗ ବୋଲଣ ବୋଲନ୍ତି ନାସ୍ତି କଲେକ ଦ୍ରୌପଦୀ ସେ । ରାଜା । କଲେ ପଞ୍ଚପାଣ୍ଡବଙ୍କୁ ପୂଜା ସେ । ତୁଷ୍ଟହେଲେ ଦ୍ରୁପଦ ଆତ୍ମଜା ସେ । ନିଜ ଦେଶେ ଗଲେ ଧର୍ମ ରାଜା ସେ । ଦେଖି ସନ୍ତୋଷ ହୋଇଲେ ପ୍ରଜା ସେ । ୪ । କୃଷ୍ଣ ପାଦ ଚିନ୍ତି କଲି ବଂଶୀଧର ଦ୍ରୌପଦୀ ବସ୍ତ୍ରହରଣ । ଆହେ ସୁଜ୍ଞଜନେ ଦୋଷ ନ ଧରିବ ମୁଁ ଶିଶୁ ଅଜ୍ଞାନୀ ଜନ ହେ । ଭଣେ । କବି ଶାରଳା ଦାସ ଯେସନେ ହେ । ଲେଖିଥିଲେ ମୁଁ ଲେଖିଲି ତେସନେ ହେ । ତାର ଭାବମାନ ରଖି ମନେ ହେ । ଚିତ୍ତ ରଖି ସଦା କୃଷ୍ଣଧ୍ୟାନେ ହେ । ୫ ।



ସମ୍ପୂର୍ଣ୍ଣ ।

Ptd by Nityananda Sahoo A. Press Cuttack

ବିଜ୍ଞାପନ ।

ନିମ୍ନଲିଖିତ ପୁସ୍ତକମାନ କଟକ ବାଲୁବଜାର ଅରୁଣୋଦୟ ପ୍ରେସ
ପୁସ୍ତକ ଦୋକାନରେ ବିକ୍ରୟ ନିମିତ୍ତ ପ୍ରସ୍ତୁତ ଅଛି ।

ଜମ୍ବୁକେଶ୍ୱର ପୁରାଣ ୧ ମ ସର୍ଗ	[illegible]
ଏଜନ ୨ୟ ସର୍ଗ	[illegible]
ଏଜନ ୩ୟ ସର୍ଗ	[illegible]
ଏଜନ ୪ର୍ଥ ସର୍ଗ	[illegible]
ଏଜନ ୫ମ ସର୍ଗ	[illegible]
ବସନ୍ତଉତ୍ସବ	[illegible]
ଶ୍ରୀମଦ୍ଭାଗବତ ୧ ମ ସ୍କନ୍ଧଠାରୁ ... ପର୍ଯ୍ୟନ୍ତ ଅନ୍ୱୟ	[illegible]
ଏଜନ [illegible]	[illegible]
ତ୍ରୈଲୋକ୍ୟଗୀତା	[illegible]
[illegible]	[illegible]
ଜଗଦମ୍ବବନ୍ଦନା	[illegible]
ବାଲ୍ମୀକିରାମାୟଣ ପୂର୍ବଖଣ୍ଡ	[illegible]
ଏଜନ ଉତ୍ତର	[illegible]
ବ୍ରହ୍ମଗୀତା	[illegible]
କୂର୍ମପୁରାଣ	[illegible]
ଶ୍ରୀ ଗୁରୁଭକ୍ତିଯୋଗାମୃତଗୀତା	[illegible]
ମତ୍ସ୍ୟପୁରାଣ	[illegible]
[illegible] କୋଇଲି	[illegible]
ରାମଚନ୍ଦ୍ର (ରତ୍ନାକରଙ୍କ କୃତ)	[illegible]

ଅରୁଣୋଦୟ ପ୍ରେସ
ବାଲୁବଜାର କଟକ  ଶ୍ରୀ [illegible]